ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.95 Bhubaneswar Friday May 19 2023 | ୨୬ତମ ବର୍ଷ ସଂଖ୍ୟା–୯୫ ଭୁବନେଶ୍ୱର, ଶୁକ୍ରବାର, ମଇ ୧୯, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

## ମୋଦିଙ୍କୁ ପୁଣିଥରେ ପ୍ରଧାନମନ୍ତ୍ରୀ ଭାବେ ଦେଖିବାକୁ ଚାହାଁନ୍ତି ନବୀନ: ଆବଶ୍ୟକତା ନା ବାଧ୍ୟବାଧକତା ?

ଭୁବନେଶ୍ୱର,୧୮।୫(ପି.ଏନ): ବିଜେଡି ଆଗାମୀ ସାଧାରଣ ନିର୍ବାଚନରେ ଏକାକୀ ଲଢ଼ିବ। ଉଭୟ ଏନଡିଏ ଓ ୟୁପିଏଠୁ ସମଦୂରତ୍ୱ ନୀତି ବଜାୟ ରଖିବ ଏବଂ କୌଣସି ତୃତୀୟ ସାମ୍ମୁଖ୍ୟରେ ସାମିଲ ହେବନି ବୋଲି ଗତ ସପ୍ତାହରେ ମତ ରଖିଥିବା ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଏକ ବଡ ସନ୍ଦେଶ ଦେଇଛନ୍ତି। ନରେନ୍ଦ୍ର ମୋଦି ପୁଣିଥରେ ପ୍ରଧାନମନ୍ତ୍ରୀ ହୁଅନ୍ତୁ ବୋଲି ନବୀନ ଇସାରା ଇସାରାରେ କହିବା ସହ ମୋଦିଙ୍କ ନେତୃତ୍ୱ ପ୍ରତି ମଧ୍ୟ ଆସ୍ଥା ପ୍ରକଟ କରିଛନ୍ତି । କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଫଳାଫଳ ପରେ ନବୀନଙ୍କ ଏଭଳି ଇସାରା ରାଜନୀତିକ ଉଷ୍ମତା ବ?ାଇ ଥିବାବେଳେ ଓଡିଶା ପରିପ୍ରେକ୍ଷୀରେ ମୋଦିଙ୍କ ନେତୃତ୍ୱ ପ୍ରତି ଆସ୍ଥାପ୍ରକଟ କରି ତାଙ୍କୁ ପୁଣିଥରେ ପ୍ରଧାନମନ୍ତ୍ରୀ ଭାବେ ଦେଖିବା ପାଇଁ ଇଚ୍ଛା ବ୍ୟକ୍ତ କରିବା ନବୀନଙ୍କ ଆବଶ୍ୟକତା ନା ବାଧ୍ୟବାଧକତା ତାକୁ ନେଇ ଚର୍ଚ୍ଚା।ଆଜି ପୁରୀ-ହାୱଡା 'ବନ୍ଦେ ଭାରତ ଏକ୍ସପ୍ରେସ' ଟ୍ରେନର ଚଳାଚଳର ଲୋକାର୍ପଣ ସହ ବିଭିନ୍ନ ରେଳବାଇ ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍‌ଚୁଆଲ ମୋଡରେ ଶିଳାନ୍ୟାସ ଓ ଉଦଘାଟନ କରିଛନ୍ତି। ଏହି ସରକାରୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ସାମିଲ ହୋଇ ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ଓଡିଶା ପାଇଁ ଆଉ ଦୁଇଟି ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ ଓ ଅନ୍ୟ କେତେକ ରେଳବାଇ ପ୍ରକଳ୍ପ ନିମନ୍ତେ ଦାବି ରଖିଛନ୍ତି। ଏହାସହିତ ନବୀନ ନିଜ ଅଭିଭାଷଣରେ ପୁରୀରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଆନ୍ତର୍ଜାତିକ ବିମାନ ବନ୍ଦର ପ୍ରସଙ୍ଗରେ ଗତ ସପ୍ତାହରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟି କରିଥିବା ଆଲୋଚନାକୁ ମଧ୍ୟ ଉଲ୍ଲେଖ କରିବାକୁ ପଛାଇ ନାହାନ୍ତି । ପୁରୀ ବିମାନବନ୍ଦରକୁ ବିଶ୍ୱସ୍ତରୀୟ ସମୁଦ୍ରକୂଳ ବିମାନ ବନ୍ଦରରେ ପରିଣତ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ମୋଦି ଦେଇଥିବା ପରାମର୍ଶକୁ ପାଳନ କରାଯିବ ଓ ପ୍ରଧାନମନ୍ତ୍ରୀ ମୋଦି ସହାୟତାରେ ଆଗାମୀ ୩ରୁ ୪ବର୍ଷ ମଧ୍ୟରେ ଏହି ବିମାନ ବନ୍ଦର ପ୍ରସ୍ତୁତ ହେବ। ଆଉ ଶ୍ରୀକ୍ଷେତ୍ର ଆସି ପ୍ରଧାନମନ୍ତ୍ରୀ ମୋଦି ଏହି ଶ୍ରୀଜଗନ୍ନାଥ ଆନ୍ତର୍ଜାତିକ ବିମାନ ବନ୍ଦରର ଲୋକାର୍ପଣ କରିବେ ବୋଲି ନବୀନ ଇଚ୍ଛା ବ୍ୟକ୍ତ କରିଛନ୍ତି।



## ଓଡ଼ିଶାକୁ ମିଳିବାକୁ ଯାଉଛି ଦ୍ୱିତୀୟ ବନ୍ଦେ ଭାରତ ଏକ୍ସପ୍ରେସ୍
### ପୁରୀରୁ କଟକ ମଧ୍ୟରେ ଚାଲିବ 'ବନ୍ଦେ ମେଟ୍ରୋ': ଅଶ୍ୱିନୀ ବୈଷ୍ଣବ

ପୁରୀ ଭୁବନେଶ୍ୱର, ୧୮।୫(ପି.ଏନ): ପୁରୀ – ହାୱଡା ବନ୍ଦେ ଭାରତ ଏକ୍ସପ୍ରେସ ପରେ ଏବେ ଆଗାମୀ ଦିନରେ ଓଡ଼ିଶାକୁ ଦ୍ୱିତୀୟ ବନ୍ଦେ ଭାରତ ଏକ୍ସପ୍ରେସ୍ ମିଳିବାକୁ ଯାଉଛି । ଏହା ପୁରୀରୁ ଭୁବନେଶ୍ୱର, କଟକ, ଢେଙ୍କାନାଳ, ଅନୁଗୁଳ, ସମ୍ବଲପୁର ଓ ଝାରସୁଗୁଡ଼ା ଦେଇ ରାଉରକେଲା ଯାଏ ଚାଲିବ। ଏହାଫଳରେ ପଶ୍ଚିମ ଓଡ଼ିଶାବାସୀ ଅଧିକ ଉପକୃତ ହେବେ । କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପୁରୀ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏହା ବାଦ ଓଡ଼ିଶାରେ ଖୁବ୍ ଶୀଘ୍ର 'ବନ୍ଦେ ମେଟ୍ରୋ' ଚଳାଚଳ କରିବ। ଏହା ପୁରୀ- ଭୁବନେଶ୍ୱର-କଟକରେ ଚଳାଚଳ କରିବ। ସ୍ଲିପର୍ ବନ୍ଦେ ଭାରତ ଏକ୍ସପ୍ରେସ୍ ବି ଚାଲିବ। ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି। ଏହି କାରଣରୁ ସେ ଓଡ଼ିଶାକୁ ଅଧିକ ଅର୍ଥ ଦେଉଛନ୍ତ ବୋଲି ସେ କହିଛନ୍ତି ।



## ବାହାରିଲା ମାଟ୍ରିକ ରେଜଲ୍ଟ, ଖୋର୍ଦ୍ଧାରେ ପାସ ହାର୯୭.୪୮ ପ୍ରତିଶତ

ଖୋର୍ଦ୍ଧା, ୧୮।୫(ପି.ଏନ): ଆଜି ରାଜ୍ୟରେ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ରାଜ୍ୟରେ ପାସ ହାର ଶତକଡା ୯୬.୪୦ ପ୍ରତିଶତ ହୋଇଛି।ତେବେ ଖୋର୍ଦ୍ଧା ଜିଲ୍ଲାରେ ପାସ ହାର ଶତକଡା ୯୭.୪୮ ପ୍ରତିଶତ ରହିଥିବା ବେଳେ ପାସ ହାରରେ ପ୍ରଥମ ସ୍ଥାନରେ କଟକ ଓ ଜଗତସିଂହପୁର ରହିଛି। ସେହିପରି ରାଜ୍ୟରେ ପାସ ହାରରେ ଖୋର୍ଦ୍ଧା ଜିଲ୍ଲା ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଜଣାପଡିଛି। ଖୋର୍ଦ୍ଧା ଜିଲ୍ଲାର ସମୁଦାୟ ୩୩୩ ଗୋଟି ହାଇସ୍କୁଲରେ ୨୬,୩୮୦ ଜଣ ପରୀକ୍ଷାର୍ଥୀ ମାଟ୍ରିକ ଫର୍ମ ଫିଲଅପ କରିଥିବା ବେଳେ ୩୦୨ ଜଣ ଅନୁପସ୍ଥିତ ଥିଲେ। ସେହିପରି ଜିଲ୍ଲାରେ ମାଲ ପ୍ରାକ୍ଟିସରେ ୯ ଜଣ ପରୀକ୍ଷାର୍ଥୀ ବୁକ ହୋଇଥିବା ବେଳେ ଏ-୧ ଗ୍ରେଡ଼ରେ ୨୮୮, ଏ-୨ ଗ୍ରେଡ଼ରେ ୧୪୬୨ , ବି-୧ ଗ୍ରେଡ଼ରେ ୩୩୯୯ ଏବଂ ବି-୨ ଗ୍ରେଡ଼ରେ ୫୬୦୦ ଜଣ ପରୀକ୍ଷାର୍ଥୀ ପାସ କରିଥିବା ଜଣାପଡିଛି।ତେବେ ଖୋର୍ଦ୍ଧା ଜିଲ୍ଲା ମାଟ୍ରିକ ପରୀକ୍ଷାରେ ସମୁଦାୟ ୧୩,୧୮୪ ଜଣ ଛାତ୍ର ଏବଂ ୧୨୫୩୦ ଜଣ ଛାତ୍ରୀ ପାସ ହୋଇଥିବା ଜଣାପଡିଛି।

## ଅର୍ଜୁନ ରାମ ମେଘୱାଲ ହେଲେ ଆଇନ ମନ୍ତ୍ରୀ

ନୂଆଦିଲ୍ଲୀ, ୧୮।୫(ପି.ଏନ): କେନ୍ଦ୍ରୀୟ ମନ୍ତ୍ରୀ କିରେନ ରିଜିଜୁଙ୍କ ସ୍ଥାନରେ ଅର୍ଜୁନ ରାମ ମେଘୱାଲଙ୍କୁ ଆଇନ ମନ୍ତ୍ରଣାଳୟର କାର୍ଯ୍ୟଭାର ପ୍ରଦାନ କରାଯାଇଛି । କିରେନ ରିଜିଜୁଙ୍କୁ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟର ଦାୟିତ୍ୱ ପ୍ରଦାନ କରାଯାଇଛି । ରାଷ୍ଟ୍ରପତିଙ୍କ ପ୍ରେସ ସଚିବଙ୍କ ପକ୍ଷରୁ ଗୁରୁବାର ଦିନ ଏ ସମ୍ପର୍କିତ ସୂଚନା ଦିଆଯାଇଛି।ପ୍ରେସ ସଚିବ ଅଜୟକୁମାର ସିଂହ କହିଛନ୍ତି ଯେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରାମର୍ଶ କ୍ରମ ମନ୍ତ୍ରଣାଳୟରେ ପରିବର୍ତ୍ତନକୁ ଅନୁମତି ପ୍ରଦାନ କରିଛନ୍ତି ।ରାଷ୍ଟ୍ରପତି ଭବନ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟର କାର୍ଯ୍ୟଭାର କିରେନ ରିଜିଜୁଙ୍କୁ ଦିଆଯାଇଥିବା ବେଳେ ଅର୍ଜୁନ ରାମ ମେଘୱାଲଙ୍କୁ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟର ରାଷ୍ଟ୍ର ମନ୍ତ୍ରୀ ସ୍ୱତନ୍ତ୍ର ଦାୟିତ୍ୱ ପ୍ରଦାନ କରାଯାଇଛି ।

## ସମ୍ବଲପୁର, ଝାରସୁଗୁଡା ଓ ଗଂଜାମ ଜିଲ୍ଲାରେ ଚାଲିବ ମୋ ବସ

ଭୁବନେଶ୍ୱର ,୧୮।୫(ପି.ଏନ): ରାଜ୍ୟର ସମ୍ବଲପୁର, ଝାରସୁଗୁଡ଼ା ଓ ଗଂଜାମ ଜିଲ୍ଲାରେ ମୋ ବସ ସେବା ଆରମ୍ଭ ହେବ । ମୋ ବସ୍ - ସମ୍ବଲପୁର-ଝାରସୁଗୁଡ଼ା- ବ୍ରଜରାଜନଗର-ବେଲପାହାଡ଼ରେ ଚାଲିବ । ବ୍ରହ୍ମପୁର-ଗୋପାଳପୁର- ଛତ୍ରପୁର-ହିଞ୍ଜିଳିକାଟୁ-ଦିଗପହଣ୍ଡିରେ ମଧ୍ୟ ମୋ ବସ ସେବା ଚାଲିବ ।

## ଏଲିମେଂଟାରୀ ଶିକ୍ଷକଙ୍କ ନ୍ୟାର୍ଯ୍ୟଦାବୀ ନବୀନ ସରକାରଙ୍କ ଦୃଷ୍ଟି ଆଢୁଆଳରେ

ଭୁବନେଶ୍ୱର, ୧୮।୫(ପି.ଏନ): ୫ ଦଫା ଦାବି ନେଇ ଏଲିମେଂଟାରୀ ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ଧାରଣା ସପ୍ତମ ଦିନରେ ପହଂଚିଥିଲେ ମଧ୍ୟ ରାଜ୍ୟ ସରକାର ଶିକ୍ଷକଙ୍କର ଦାବି ପ୍ରତି କର୍ଣ୍ଣପାତ କରିନାହାଁନ୍ତି। ରାଜ୍ୟର କୋଣ ଅନୁକୋଣରୁ ଶହ ଶହ ଶିକ୍ଷୟିତ୍ରୀଶିକ୍ଷକ ଜ୍ୟେଷ୍ଠମାସର ରୌଦ୍ରତାପକୁ ଖାତିର ନକରି ନିଜର ନ୍ୟାୟୋଚିତ ଦାବିରେ ଧାରଣାରେ ବସି ରାଜ୍ୟ ସରକାରଙ୍କ ନିକଟରେ ଗୁହାରି ଜଣାଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ରିଜୋଲ୍ୟୁସନ ନଂ ୨୩୨୯୨ ତା ୨୯.୧୧.୨୦୧୭ରିଖି ଅନୁଯାୟୀ ୨୦୧୯ କ୍ୟାଡ଼ର ରୁଲ୍‌ରେ ପ୍ରାଥମିକ ଶିକ୍ଷକମାନଙ୍କର ନିମ୍ନତମ ଯୋଗ୍ୟତା ମାଟ୍ରିକ ସି.ଟିକୁ ଉଚ୍ଛେଦ କରି +୨ ସି.ଟି / ଗ୍ରାଜୁଏଟ ସି.ଟି ବା ବି.ଏଡ୍ ରଖାଯାଉ। ତଦନୁଯାୟୀ +୨ ସି.ଟି ପଦବୀ ଅନୁସାରେ ଗ୍ରେଡ଼ ପେ ୨୮୦୦ ଟଙ୍କା ଆଧାରରେ ୨୦୧୭ ମସିହା ଠାରୁ ସମସ୍ତ ଏଲିମେଂଟାରୀ ଶିକ୍ଷକମାନଙ୍କୁ ପ୍ରଦାନ କରାଯାଉ। ମହାସଂଘର ଆବାହକ ପ୍ରବୀଣ କୁମାର ଦାସ କହିଛନ୍ତି ଯେ, ମହାସଂଘର ଧାରଣା ସପ୍ତମ ଦିନରେ ପହଂଚିଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ତରଫରୁ ଆନ୍ତରିକତା ପ୍ରକାଶ ନ କରିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ସରକାର ମୋ ସ୍କୁଲ୍ ଯୋଜନା, ୫-ଟି ଭଳି ଲୋକାଭିମୁଖୀ କାର୍ଯ୍ୟକ୍ରମ ସାରା ଦେଶରେ ଚହଳ ସୃଷ୍ଟି କରିଛି। ମାତ୍ର ଏଲିମେ ।ରୀ ଶିକ୍ଷକ, ଯେଉଁମାନେ ଓଡ଼ିଶା ଶିକ୍ଷା ବ୍ୟବସ୍ଥାର ପ୍ରାଣକେନ୍ଦ୍ର ଏବଂ ଏନ୍‌ସିଟିଇ ଗାଇଡ଼ଲାଇନରେ ଶିକ୍ଷକ ହେଉଛି ଶିକ୍ଷା ବ୍ୟବସ୍ଥାର ବିଶ୍ୱକର୍ମା ତାର ଆର୍ଥିକ ଦୁର୍ଗତିର ଦୂର ନହେଲେ ସମୃଦ୍ଧ ଓଡ଼ିଶା ବା ସମୃଦ୍ଧ ଭାରତ ଯୋଜନା କିପରି ସଫଳ ହେବ ବୋଲି ଶ୍ରୀ ଦାସ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ତେଣୁ ଯେତେଦିନ ପର୍ଯ୍ୟନ୍ତ ରାଜ୍ୟ ସରକାର ଏଲିମେ ।ରୀ ଶିକ୍ଷକମାନଙ୍କର ଦାବୀ ପ୍ରତି କର୍ଣ୍ଣପାତ କରିନାହାନ୍ତି, ସେତେଦିନ ପର୍ଯ୍ୟନ୍ତ ମହାସଂଘ ଜ୍ୟେଷ୍ଠମାସର ପ୍ରଚଣ୍ଡ ରୌଦ୍ରତାପକୁ ଖାତିର ନକରି ହଜାର ହଜାର ଶିକ୍ଷକ ଧାରଣାରେ ବସି ରହିବେ। ଏ ନେଇ ଯଦି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ, ସେଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ।ସପ୍ତମ ଦିନ ଧାରଣାରେ ମହାସଂଘର ଆବାହକ ପ୍ରବୀଣ କୁମାର ଦାସ, ଜିତେନ୍ଦ୍ର କୁମାର ନାୟକ, ସଲିଳ କୁମାର ପଟ୍ଟନାୟକ, ପ୍ରିୟମ୍ବଦା ଆଚାର୍ଯ୍ୟ, ନିର୍ମଳା ମହାପାତ୍ର, ବାସୁଦେବ ମଲ୍ଲିକ, ନାରାୟଣ ରାଉତ, ନାରାୟଣ ପଣ୍ଡା, ଯୁଧିଷ୍ଠିର ବେହେରା, ବିଜୟିନୀ ନନ୍ଦ, ପ୍ରିୟତମା ଜେନା, ନିରୂପମା ନାୟକ, ଅଭିମନ୍ୟୁ ପଲାଇ, ଦାଶରଥୀ ନାୟକ, ରଶ୍ମିତା ମହନ୍ତି, ନିରଞ୍ଜନ ରାଉତ, ସୁବ୍ରତ କୁମାର ବଡ଼ଜେନା, ବାଇଧର ଦାସ, ପଦ୍ମାବତୀ ଦାସ, ରଶ୍ମିତା ବେହେରା, ମାନସୀ ବେହେରା, ସରୋଜ କୁମାର ସାହୁ, ସୁନିଲ କୁମାର ମିଶ୍ର, ବସନ୍ତ କୁମାର ବେହେରା, ତୁଷାରକାନ୍ତ ପରିଡ଼ା, ବ୍ରହ୍ମାନନ୍ଦ ପରିଡ଼ା, ନାରାୟଣ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମେଦିନିପୁର ବିସ୍ଫୋରଣ : ବାଣ ଫ୍ୟାକ୍ଟ୍ରିର ମାଲିକ ଭାନୁ ବାଗ କଟକରୁ ଗିରଫ

କୋଲକାତା, ୧୮।୫(ପି.ଏନ): ପଶ୍ଚିମବଙ୍ଗର ପୂର୍ବ ମେଦିନିପୁର ଜିଲ୍ଲା ଅନ୍ତର୍ଗତ ଏଗରାରେ ବାଣ କାରଖାନାରେ ବିସ୍ଫୋରଣରେ ୯ ଜଣଙ୍କ ମୃତ୍ୟୁ ମାମଲାରେ ମୁଖ୍ୟ ଅଭିଯୁକ୍ତ କାରଖାନାର ମାଲିକ କୃଷ୍ଣପଦ ବାଗ ଓରଫ ଭାନୁକୁ ଓଡ଼ିଶାର କଟକରୁ ଗିରଫ କରାଯାଇଛି । ରାଜ୍ୟ ସିଆଇଡ଼ିର ସ୍ୱତନ୍ତ୍ର ଟିମ୍ ତାକୁ ଗୁରୁବାର ଗିରଫ କରିଛି । ଏହା ସହିତ ତାର ପୁଅକୁ ମଧ୍ୟ ହେପାଜତରେ ନେଇଛି । ଘଟଣା ପର ଠାରୁ ବାପାପୁଅ ଫେରାର୍ ଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ, ଏଗରାର ଖାଦିକୁଲ ଗ୍ରାମରେ ମଙ୍ଗଳବାର ଦିନ ପ୍ରାୟ ସାଢ଼େ ୧୨ଟା ସମୟରେ ଘଟିଯାଇଥିବା ଏହି ବିସ୍ଫୋରଣରେ ୯ ଲୋକଙ୍କ ମୃତ୍ୟୁ ଘଟିଥିଲା । ୭ ଜଣ ଆହତ ହୋଇଥିଲେ । ଆହତ ମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି ।

## ଓଡ଼ିଶା ପାଇଁ ଆଉ ଦୁଇଟି ବନ୍ଦେ ଭାରତ ଏକ୍ସପ୍ରେସର ଚଳାଚଳ ଦାବି କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୮।୫ (ପି.ଏନ): ରେଳ ମନ୍ତ୍ରଣାଳୟର ବନ୍ଦେ ଭାରତ ଟ୍ରେନର ଶୁଭାରମ୍ଭ ଓ ଅନ୍ୟ ପ୍ରକଳ୍ପ ଗୁଡିକର ଶିଳାନ୍ୟାସ ଓ ଉଦଘାଟନ କାର୍ଯ୍ୟକ୍ରମରେ ଆଭାସ ପଦ୍ଧତିରେ ଯୋଗ ଦେଇଥିଲେ ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସେ ଓଡ଼ିଶାରେ ରେଳର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହେଉଥିବା ଯୋଗୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜଣାଇବା ସହ ରାଜ୍ୟ ପାଇଁ ଆଉ ଦୁଇଟି ବନ୍ଦେ ଭାରତ ଏକ୍ସପ୍ରେସ ଚଳାଇବାକୁ ଦାବି କରିଥିଲେ । ମୁଖ୍ୟମନ୍ତ୍ରୀ ପୁରୀ-ରାଉରକେଲା ଏବଂ ଭୁବନେଶ୍ୱର-ହାଇଦ୍ରାବାଦ ବନ୍ଦେ ଭାରତ ଏକ୍ସପ୍ରେସର ଚଳାଚଳ ଲାଗି ଦାବି କରିଥିଲେ। ନିଜର ସମ୍ବୋଧନରେ ମୁଖ୍ୟମନ୍ତ୍ରୀ ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦର ଦାବିକୁ ପୁଣି ଦୋହରାଇଥିଲେ। ପୁରୀରେ ଇଣ୍ଟରନ୍ୟାସନାଲ ଏୟାରପୋର୍ଟ କରାଯାଉ, ଆଗାମୀ ୩/୪ ବର୍ଷ ଭିତରେ ଏହି ଏୟାରପୋର୍ଟର କାମ ଶେଷ ହେଉ। ନିଜେ ପ୍ରଧାନମନ୍ତ୍ରୀ ପୁରୀ ବିମାନବନ୍ଦରର ଲୋକାର୍ପଣ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁରୋଧ କରିଥିଲେ। ସେ କହିଥିଲେ ଯେ ଶ୍ରୀକ୍ଷେତ୍ର ପୁରୀ ଓ କୋଣାର୍କ ମଧ୍ୟରେ ନୂଆ ରେଳ ଲାଇନ କାମ ହେଉ । ରେଳ ଚାଲୁ । ଏହା ରାଜ୍ୟର ପର୍ଯ୍ୟଟନ ବିକାଶକୁ ଆଗକୁ ନେବ । ଏଥିସହ ଅନୁଗୁଳ- ସୁକିନ୍ଦା ଏବଂ ହରିଦାସପୁର-ପାରାଦୀପ ଲାଇନରେ ଶୀଘ୍ର ପ୍ୟାସେଞ୍ଜର ଟ୍ରେନ୍ ଚଳାଚଳ ପାଇଁ ମଧ୍ୟ ସେ ଦାବି କରିଥିଲେ । ସେ କହିଥିଲେ ଯେ ପୁରୀ-କୋଣାର୍କ ରେଳ ପ୍ରକଳ୍ପରେ ରାଜ୍ୟ ସରକାର ସବୁପ୍ରକାର ସହଯୋଗ କରିବେ । ଏ ପ୍ରକଳ୍ପର ୫୦ ପ୍ରତିଶତ ନିର୍ମାଣ ଖର୍ଚ୍ଚ ସହ ସମୁଦାୟ ଜମି ଅଧିଗ୍ରହଣ ଖର୍ଚ୍ଚ ବହନ କରିବାକୁ ପ୍ରସ୍ତାବ ଦେଇଛନ୍ତି।

## ସୁଧାଂଶୁ ଷଡଙ୍ଗୀ ଅଗ୍ନିଶମ ଡିଜି, ଆଶୀଷ ସିଂ କେନ୍ଦ୍ରାଂଚଳ ଆଇଜି, ୫ ଜିଲ୍ଲାରେ ନୂଆ ଏସପି

ଭୁବନେଶ୍ୱର,୧୮।୫(ପି.ଏନ): ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆଜି ବରିଷ୍ଠ ଆଇପିଏସସ୍ତରରେ ବଡଧରଣର ଅଦଳବଦଳ କରିଛନ୍ତି । ୧୯୯୦ ବ୍ୟାଚ୍ ଆଇପିଏସ୍ ସୁଧାଂଶୁ ଷଡଙ୍ଗୀଙ୍କୁ ଅଗ୍ନିଶମ ଓ ହୋମଗାର୍ଡ ଡିଜି ସହ ସିଭିଲ ଡିଫେନ୍ସ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିବା ବେଳେ ଅବକାରୀ କମିଶନର ୨୦୦୪ ବ୍ୟାଚ୍ ଆଇପିଏସ୍ ଆଶୀଷ ସିଂଙ୍କୁ କେନ୍ଦ୍ରାଂଚଳ ଆଇଜି ସହ ରାଜ୍ୟ ଫୋରେନ୍ସିକ ସାଇନ୍ସ ଲ୍ୟାବ ଆଇଜି ଦାୟିତ୍ୱ ମିଳିଛି । ରାଜନୀତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ୫ଟି ଜିଲ୍ଲାରେ ନୂଆ ଏସପିଙ୍କୁ ନିଯୁକ୍ତି ଦିଆଯାଇଛି । ଆଜି ରାଜ୍ୟ ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ କେନ୍ଦ୍ରୀୟ ଡେପୁଟେସନରୁ ଫେରି ନିଯୁକ୍ତି ଅପେକ୍ଷାରେ ଥିବା ୧୯୮୯ ବ୍ୟାଚ୍ ଆଇପିଏସ୍ ଅମିତ ମୋହନ ପ୍ରସାଦଙ୍କୁ ମାନବାଧିକାର ସୁରକ୍ଷା ସେଲର ସ୍ୱତନ୍ତ୍ର ଡିଜି ଭାବେ ଅବସ୍ଥାପିତ କରାଯାଇଛି । ସେହିପରି ରେଳବାଇ ଓ ଉପକୂଳ ସୁରକ୍ଷା ସ୍ୱତନ୍ତ୍ର ଡିଜି ସୁଧାଂଶୁ ଷଡଙ୍ଗୀଙ୍କୁ ଅଗ୍ନିଶମ ଡିଜି,ହୋମଗାର୍ଡ ଓ ସିଭିଲ ଡିଫେନ୍ସ ମୁଖ୍ୟ ଭାବେ ବଦଳି ହୋଇଛି । ସେହିପରି ୧୯୯୫ ବ୍ୟାଚ୍ ଆର କେ ଶର୍ମାଙ୍କୁ ଆଇନଶୃଙ୍ଖଳାରୁ ହଟାଇ ଅତିରିକ୍ତ ଡିଜିପି ମୁଖ୍ୟାଳୟ ଭାବେ ବଦଳି କରାଯାଇଥିବାବେଳେ ୧୯୯୭ ବ୍ୟାଚ୍ ସଞ୍ଜୟ କୁମାରଙ୍କୁ ଆଇନଶୃଙ୍ଖଳା ଅତିରିକ୍ତ ଡିଜି ସହ କମ୍ୟୁନିକେସନ୍ ଅତିରିକ୍ତ ଡିଜିପି ଭାବେ ବଦଳି ହୋଇଛି।



## ସିଦ୍ଧରମୈୟାଙ୍କ ଶପଥ ପାଠ ଉତ୍ସବ ପାଇଁ ୧୧ ବିରୋଧୀ ନେତାଙ୍କୁ ନିମନ୍ତ୍ରଣ

ନୂଆଦିଲ୍ଲୀ, (ପି.ଏନ):କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀ ଭାବେ ଆସନ୍ତା ୨୦ ତାରିଖରେ ଶପଥ ନେବେ ସିଦ୍ଧରମୈୟା। ଏଥିସହ ଡିକେ ଶିବକୁମାର ମଧ୍ୟ ଉପ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ଶପଥ ପାଠ ଉତ୍ସବକୁ ବେଶ ଧୂମଧାମରେ ପାଳନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛି କଂଗ୍ରେସ।ଶପଥ ପାଠ ଉତ୍ସବରେ କଂଗ୍ରେସ ମଧ୍ୟ ବିରୋଧୀଙ୍କ ଶକ୍ତିପ୍ରଦର୍ଶନ କରିବ। ଏଥିପାଇଁ ସିଦ୍ଧରମୈୟାଙ୍କ ଶପଥ ପାଠ ଉତ୍ସବକୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ୧୧ଟି ବିରୋଧୀ ଦଳର ନେତାଙ୍କୁ ନିମନ୍ତ୍ରଣ କରିଛନ୍ତି।



## ଅନୁଗୋଳ ଓ ସୁକିନ୍ଦା ରୋଡ ମଧ୍ୟରେ ନୂଆ ଲାଇନ ଶିଳ୍ପାୟନ ଓ ଅର୍ଥନୀତିକୁ ମଜଭୂତ୍ କରିବ : ଧର୍ମେନ୍ଦ୍ର ପ୍ରଧାନ

ପୁରୀ / ଭୁବନେଶ୍ୱର, (ପି.ଏନ): ପବିତ୍ର ପୁରୀ ଧାମରୁ ବନ୍ଦେ ଭାରତ ଟ୍ରେନର ଚଳାଚଳ ପାଇଁ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ସହ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେ କହିଛନ୍ତି ଯେ ନୂଆ ଭାରତର ସାମର୍ଥ୍ୟ ଏବଂ ସଂକଳ୍ପର ପ୍ରତୀକ ହେଉଛି ବନ୍ଦେ ଭାରତ । ଏହି ଟ୍ରେନ୍ ଏକବିଂଶ ଶତାବ୍ଦୀରେ ରେଳ କ୍ଷେତ୍ରରେ ଭାରତକୁ ନୂଆ ପରିଚୟ ଦେଇଛି । ରଥଯାତ୍ରା ପୂର୍ବରୁ ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ଟ୍ରେନ ଆରମ୍ଭ ହେବା ଖୁସିର ବିଷୟ । ଦେଶର ଦ୍ରୁତଗାମୀ ଟ୍ରେନ୍ ବନ୍ଦେ ଭାରତ ଏକ୍ସପ୍ରେସ ଓଡ଼ିଶା ପାଇଁ ନୂଆ ସମ୍ଭାବନା ଆଣିବ । ଏହି ଟ୍ରେନ ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ପର୍ଯ୍ୟଟନ ଓ ଅର୍ଥନୀତିକୁ ଗତି ଦେବା ସହ ଭାରତର ନାଗରିକଙ୍କ ସୁବିଧାକୁ ସୁଦୃଢ଼ କରିବ । ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ରାଷ୍ଟ୍ର ଉଦ୍ଦେଶ୍ୟରେ ଉଦଘାଟିତ ଓ ସମର୍ପିତ ଅନୁଗୋଳ-ସୁକିନ୍ଦା ରୋଡ ମଧ୍ୟରେ ନୂଆ ଲାଇନ ମାଲ ପରିବହନକୁ ସହଜ କରିବ । ଲୋକ ଆକାଂକ୍ଷାକୁ ପୂରଣ ସହ ଶିଳ୍ପାୟନ ଓ ଅର୍ଥନୀତିକୁ ମଜଭୂତ୍ କରିବ । ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନର ଅଂଶ ବିଛୁପାଲି-ଝରତରଭା ନୂଆ ରେଳ ଲାଇନର ଉଦଘାଟନ ଯାତ୍ରୀ ସୁବିଧାରେ ସହାୟକ ହେବ । ଏହାବ୍ୟତିତ ପୁରୀ ଓ କଟକ ରେଳ ଷ୍ଟେସନର ପୁନଃଉନ୍ନତିକରଣର ଶିଳାନ୍ୟାସ,ସମ୍ବଲପୁର-ଟିଟିଲାଗଡ ରେଳପଥର ଦୋହରୀକରଣ, ମନୋହରପୁର-ରାଉରକେଲା-ଝାରସୁଗୁଡ଼ା- ଜାମଗା ମଧ୍ୟରେ ତୃତୀୟ ଲାଇନ ଏବଂ ଓଡ଼ିଶା ରାଜ୍ୟରେ ରେଳ ନେଟୱାର୍କର ଶତପ୍ରତିଶତ ବିଦ୍ୟୁତିକରଣ ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବ ଓ ଦେଶର ରେଳ ଭିତ୍ତିଭୂମି ଏବଂ ଅର୍ଥନୀତି ମଜଭୂତ ହେବ । ଆଜିର ଭବ୍ୟ କାର୍ଯ୍ୟକ୍ରମରେ କେନ୍ଦ୍ର ରେଳ ମନ୍ତ୍ରୀ ଆଗାମୀ ଦିନରେ ଓଡ଼ିଶାରେ ଦ୍ୱିତୀୟ ବନ୍ଦେ ଭାରତ ଏକ୍ସପ୍ରେସ ଏବଂ ପ୍ରଥମ ବନ୍ଦେ ମେଟ୍ରୋ ଚଳାଚଳ କରିବାର କଳ୍ପନା କରିଥିବା କାରଣରୁ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି ଶ୍ରୀ ପ୍ରଧାନ । ଏହାସହ ବନ୍ଦେ ମେଟ୍ରୋକୁ କ୍ୟାପିଟାଲ ରିଙ୍ଗ୍ ରୋଡ୍ ଆଲାଇନମେଣ୍ଟ ଆକାରରେ କରି ଢେଙ୍କାନାଳ ସହ ମଧ୍ୟ ଯୋଡିବାକୁ ଯୋଜନା କରିବା ପାଇଁ ସେ ଅନୁରୋଧ କରିଛନ୍ତି । ପୁରୀ ହେଉଛି ଆଧ୍ୟାତ୍ମିକ କେନ୍ଦ୍ର ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆ ଜାତି ଓ ଅସ୍ମିତାର ପରିଚୟ । ପୁରୀ ଓ ଶ୍ରୀଜଗନ୍ନାଥଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଅତ୍ୟନ୍ତ ଶ୍ରଦ୍ଧା ଓ ସମ୍ମାନ ଏବଂ ସମର୍ପଣ ଭାବ ରହିଛି । ମହାପ୍ରଭୁଙ୍କ ଆଶୀର୍ବାଦରେ ସେ ଦେଶବାସୀଙ୍କ ସେବା କରି ଆସୁଛନ୍ତି । ପୁରୀକୁ ଅନ୍ତର୍ଜାତୀୟ ପରିଚୟ ଦେବା ପାଇଁ ମୋଦି ସରକାର ସବୁ ସହାୟତା ଦେଇଛନ୍ତି । ପୁରୀରେ ଆନ୍ତର୍ଜାତିକ ଏୟାରପୋର୍ଟର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ସମ୍ମତି ଦେଇଛନ୍ତି । ମୋଦିଜୀ ଭାରତର ସନ୍ତୁଳିତ ବିକାଶକୁ ଆଖି ଆଗରେ ରଖି 'ପୂର୍ବୋଦୟ' ମିଶନରେ ପୂର୍ବ ଭାରତର ବିକାଶ ଓ ଓଡ଼ିଶା ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । ମୋଦି ସରକାରରେ ରେଳ, ଜାତୀୟ ରାଜପଥ, କୋଷ୍ଟାଲ ହାଇୱେ, ବିମାନବନ୍ଦର, ଇଣ୍ଟରନେଟ୍ ସଂଯୋଗ ସହ ଭାରତବର୍ଷରେ ନୂଆ ଯୁଗ ଆରମ୍ଭ ହୋଇଛି । ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୂରଦୃଷ୍ଟି ଯୋଗୁଁ ବିଗତ ୯ ବର୍ଷରେ ରେଳ ବଜେଟରେ ଓଡ଼ିଶାକୁ ମୋଟ ୫୧,୨୩୭ କୋଟି ଟଙ୍କାର ରେକର୍ଡସଂଖ୍ୟକ ଅନୁଦାନ ମିଳିଛି । ମୋଦି ସରକାରରେ ଓଡ଼ିଶାରୁ ଯେତେ ଅର୍ଥ ରେଳ ବିଭାଗ ପାଉଛି, ତା ଠାରୁ ଅଧିକ ଅନୁଦାନ ଦେଉଛି । ସ୍ୱାଧୀନତା ପରେ ରେଳବାଇ କ୍ଷେତ୍ରରେ ଯେତେ କାମ ଓଡ଼ିଶାରେ ହୋଇନଥିଲା, ସେହି କାମ ମୋଦି ସରକାରରେ ହୋଇଛି । ରେଳ ଷ୍ଟେସନ ଏବଂ ରେଳ ଭିତ୍ତିଭୂମିକୁ ପରିବର୍ତ୍ତନ କରିବାର ସୂତ୍ରଧର ପ୍ରଧାନମନ୍ତ୍ରୀ ହୋଇଛନ୍ତି ।ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ଼ିଶାକୁ ଆର୍ଥିକ ସହାୟତା, ପଦ୍ମ ପୁରସ୍କାରରେ ଓଡ଼ିଶାର ପ୍ରତିଭାଙ୍କୁ ସମ୍ମାନିତ କରିବା ଏବଂ ମନ କି ବାତରେ ସ୍ୱଚ୍ଛ ଭାରତରେ ନିଜକୁ ସାମିଲ କରିଥିବା ପୁରୀର ରାହୁଲ ମହାରଣା, କେନ୍ଦ୍ରାପଡାର କମଳା ମହାରଣାଙ୍କ କାର୍ଯ୍ୟକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରି ଓଡ଼ିଶାକୁ ଯଥୋଚିତ ସମ୍ମାନ ଦେଇଛନ୍ତି । ପିଏମ ଆବାସରେ ଘର, ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ, ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ସହ ଅନେକ ଜନକଲ୍ୟାଣକାରୀ ଯୋଜନାରେ ଓଡ଼ିଶାକୁ ସହାୟତା ଏବଂ ପୂର୍ବୋଦୟ କଳ୍ପନାରେ ଜାତୀୟ ରାଜପଥ, ରେଳ, ବିମାନବନ୍ଦର ଭିତ୍ତିଭୂମିର ବିକାଶର ଦାୟିତ୍ୱକୁ ପ୍ରାଧାନ୍ୟ ଦେଇ ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିଛନ୍ତି । ଓଡ଼ିଶାର ଏହି ଐତିହାସିକ କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷ ଓ ଭର୍ଚ୍ଚୁଆଲ ପ୍ଲାଟଫର୍ମରେ ଅନେକ ବ୍ୟକ୍ତିବିଶେଷ ବିଶେଷଙ୍କ ସହବିଭିନ୍ନ ସ୍ଥାନରେ ଜନସାଧାରଣଙ୍କ ଅଂଶଗ୍ରହଣ ଏକ ସ୍ମରଣୀୟ ମୁହୂର୍ତ୍ତ । ମାନ୍ୟବର ପ୍ରଧାନମନ୍ତ୍ରୀ ନିଜ ଅଭିଭାଷଣ ମାଧ୍ୟମରେ ଓଡ଼ିଶାବାସୀଙ୍କୁ ମାର୍ଗଦର୍ଶନ ସହ ଓଡ଼ିଶାର ବିକାଶ ପାଇଁ ଭାରତ ସରକାର ନେଇଥିବା ଦାୟିତ୍ୱ ଉପରେ ଆଲୋକପାତ କରିଥିବାରୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି ।

ଉଲ୍ଲେଖନୀୟ, ଏହି କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ଶ୍ରୀ ପ୍ରଧାନ ଶ୍ରୀମନ୍ଦିରରେ ଦର୍ଶନ ଓ ରଥଖଳାରେ ପ୍ରଣିପାତ କରିବା ସହ ପୁରୀ ଷ୍ଟେସନ ଠାରେ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନର ଶୁଭାରମ୍ଭ ଅବସରରେ ରେଳ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଶ୍ରୀ ପ୍ରଧାନ ପୁରୀରୁ କଟକ ପର୍ଯ୍ୟନ୍ତ ଶୁଭାରମ୍ଭ ହୋଇଥିବା ବନ୍ଦେ ଭାରତ ଟ୍ରେନରେ ଯାତ୍ରା କରିଥିଲେ ।



## ତିନି ଗାଁର ଲୋକେ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ହେବ ପାଇପ୍ ପାଣି ପାଇବାରୁ ବଂଚିତ

ଖୋର୍ଦ୍ଧା, ୧୮।୫(ପି.ଏନ): ଗ୍ରାମାଚଂଳରେ ଲୋକେ କିପରି ବିଶୁଦ୍ଧ ପାନୀୟଜଳ ପାଇପାରିବେ। ସେନେଇ ସରକାର ବିଭିନ୍ନ ଯୋଜନା କରିଛନ୍ତି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପ୍ରତ୍ୟେକ ବ୍ଲକରେ କାର୍ଯ୍ୟ କରି ନଳକୂପ ଖନନ ଏବଂ ବିଶୁଦ୍ଧ ପାନୀୟ ଜଳଯୋଗାଣ ପ୍ରକଳ୍ପ ମାଧ୍ୟମରେ ଗ୍ରାମାଚଂଳର ଜନସାଧାରଣଙ୍କୁ ଏହି ସୁବିଧା ଯୋଗାଇ ଦେଇଥାନ୍ତି। ତେବେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ବାଙ୍କୋଇଦେଶ ପଂଚାୟତ ଅଂଚଳରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଉକ୍ତ ପଂଚାୟତର କନ୍ତାଇଲୋ, ଦୁର୍ଗାପୁର ଏବଂ ହରେକୃଷ୍ଣପୁର ଗ୍ରାମବାସୀ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ହେବ ପାଇପ୍ ପାଣି ପାଇବାରୁ ବଂଚିତ ହୋଇଛନ୍ତି। ଫଳରେ ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଉକ୍ତ ଗ୍ରାମଗୁଡ଼ିକୁ ପାଇପ୍ ଯୋଗେ ପୁନଃ ପାନୀୟଜଳ ଯୋଗାଣ କରାଯିବାକୁ ଗ୍ରାମବାସୀ ଦାବି କରିଆସୁଥିଲେ ମଧ୍ୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି ।ସେହିପରି ବଡ଼କୁମାରୀ ପଂଚାୟତର ମାଣିକପୁର ଠାରେ ୨୦୦୮ରେ ଏହି ପ୍ରକଳ୍ପ ନିର୍ମାଣ ହୋଇଥିଲା। ଉକ୍ତ ପ୍ରକଳ୍ପରୁ ଉପରୋକ୍ତ ତିନି ଗାଁ ସମେତ ମାଣିକପୁରକୁ ପାନୀୟଜଳ ଯୋଗାଣ ହୋଇଥିଲା। କାର୍ଯ୍ୟକାରୀ ହେବାର ୬ ମାସ ପରେ କୌଣସି ଠାରେ ପାଇପ୍ ଫାଟିଯିବାରୁ ଉକ୍ତ ୩ ଗ୍ରାମକୁ ଜଳଯୋଗାଣ ବ୍ୟାହତ ହୋଇଥିଲା। ତେବେ ଏହି ପ୍ରକଳ୍ପରୁ ମାଣିକପୁର ଗ୍ରାମକୁ ଜଳଯୋଗାଣ ହେଉଥିଲେ ମଧ୍ୟ କନ୍ତାଇଲୋ, ଦୁର୍ଗାପୁର ଓ ହରେକୃଷ୍ଣପୁର ଗ୍ରାମକୁ ଅଦ୍ୟାବଧି ଜଳଯୋଗାଣ ବ୍ୟାହତ ହୋଇ ରହିଛି। ଫଳରେ ଉକ୍ତ ୩ ଗ୍ରାମର ଲୋକେ ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷେ କନ୍ତାଇଲୋ ଗ୍ରାମର ମଠ ସାହିରେ ଥିବା ଏକ ନଳକୂପ ଲୋକଙ୍କ ଚାହିଦା ମେଂଟାଇ ପାରୁନାହିଁ। ବିଶେଷ କରି ଖରାଦିନେ ଏହି ସାହିର ଲୋକେ ଅନ୍ୟ ସାହିର ନଳକୂପ ଉପରେ ନିର୍ଭର କରୁଛନ୍ତି। କେତେ ଜଣ ଖୋଲାକୂଅରୁ ପାନୀୟଜଳ ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି ।ପ୍ରକାଶ ଯେ, ଏହି ସାହିର ଦୋଳମଣ୍ଡପ ଠାରେ ରହିଛି ଗୋଟିଏ ନଳକୂପ। ତେବେ ଏହି ନଳକୂପରୁ ପାଣି ଠିକ୍ ଭାବେ ବାହାରୁ ନାହିଁ। ଯାହା ବି ପାଣି ବାହାରୁଛି ତାହା ଲୌହଗୁଣ୍ଡଯୁକ୍ତ ହୋଇଥିବାରୁ ଲୋକେ ପାଣି ପିଇବା ପାଇଁ ହଇରାଣ ହେଉଛନ୍ତି।









# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜି ହେଉଛି ଡିସେମ୍ବର ୦୧ ତାରିଖ। ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି। ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି। ଆଜିର ଦିନରେ ଇତିହାସ ପୃଷ୍ଠାରେ କ’ଣକ’ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

- ବିଶ୍ୱ ଏଡ୍ସ ଦିବସ
- ଭାରତୀୟ ସୀମା ସୁରକ୍ଷା ବାହିନୀ (ବିଏସ୍ଏଫ୍ ପ୍ରତିଷ୍ଠା ହୋଇଥିଲା (୧୯୬୫)
- ବିହାରର-ଲକ୍ଷ୍ମଣପୁର ବାଥେଠାରେ ରଣବୀର ସେନା ରଚାଇଲା ନରସିଂହାର (୧୯୯୭)
- ନାଗାଲାଣ୍ଡ ଭାରତର ୧୬ତମ ରାଜ୍ୟରେ ପରିଣତ ହେଲା (୧୯୬୩)
- ୟୁନାଇଟେଡ୍ ନେଶନ୍‌ରେ ଯୋଗଦେଲା ଆଙ୍ଗୋଲା (୧୯୬୭)
- ବେନଜୀର ଭୁଟ୍ଟୋଙ୍କୁ ପାକିସ୍ତାନର ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତି କରାଗଲା (୧୯୮୮)

## ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା’ ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା’ ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‌ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା’ ବହୁତ ଚିନ୍ତିତ ଅଛନ୍ତି ।

## ଚର୍ଚ୍ଚାରେ ‘ହରାମ୍‌ଖୋର’

ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ



ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ପୁରାଣ କାହାଣୀ

# କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ । ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ । ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା । ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ । ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ । ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା । କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ । ମା’ ଶିପ୍ରା ନଦୀ ଉକ୍ତ ବିଃକୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ । ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ । କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ । ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା । ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଳିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ । ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି ।

# ୫୦୦ କୋଟି ବନାମ ୫୦୦ଟଙ୍କା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ



୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।

# ଲାଭଦାୟକ ୱେବ୍‌ସାଇଟ୍

ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା



ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍‌ସାଇଟ୍‌ରେ କ’ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ୍ୟ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ୍ୟ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ୍ୟ ସାହାଯ୍ୟ କରିବ ।

## ଆଜିର ଭାଗ୍ୟ

**ମେଷ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

**ବୃଷ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**ମିଥୁନ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ସିଂହ** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**କନ୍ୟା** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ତୁଳା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ବିଛା** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**ଧନୁ** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ମକର** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**ମୀନ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

## ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ । କ’ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ’ଣ ଜାଣିବାକୁ ମଧ୍ୟ ଜିଜ୍ଞାସା ଯାତ ହୋଇଥାଏ । ପଣ୍ଢାପୁରର ବଡଗାଓଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ । ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତୁ ଘଟିଥିଲା । ବାଶ୍ ତା’ ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି । ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ । ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ମଇ ୧୯

# ପତିବ୍ରତାର ସଂକଳ୍ପ



ଅପର୍ଣ୍ଣା ନାୟକ

ଭାରତୀୟ ସଂସ୍କୃତିରେ ନାରୀର ସ୍ଥାନ ଅତି ଉଚ୍ଚରେ । ସେ ଏକାଧାରରେ ଜାୟା, ଜନନୀ ଓ ଭଗିନୀ । ଅଧିକାଂଶ ପୁରୁଷଙ୍କ ସଫଳତା ପଛରେ ଥାଏ ଜଣେ ଜଣେ ନାରୀଙ୍କ ପ୍ରେରଣା- ଏହା ବିଶ୍ୱରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଜୀବନୀ ଅନୁଧ୍ୟାନ କଲେ ଜଣାଯାଇଥାଏ । ପବିତ୍ରତା ଧର୍ମ ନାରୀର ଶ୍ରେଷ୍ଠ ଧର୍ମ । ସତୀ ଅନସୂୟା, ଜନକନନ୍ଦିନୀ ସୀତା, ମହାରାଣୀ ଶବ୍ୟା ଓ ସାବିତ୍ରୀ ପ୍ରତ୍ୟେକ ଆଦର୍ଶର ଜଣେ ଜଣେ ମୂର୍ତ୍ତିମନ୍ତ ପ୍ରତୀକ । ପରିବର୍ତ୍ତିତ ପରିସ୍ଥିତିରେ ବି ଏମାନେ ସମଗ୍ର ନାରୀ ସମାଜ ପାଇଁ ଆଦର୍ଶ ହୋଇ ରହିଛନ୍ତି । ପବିତ୍ରତା ଧର୍ମର ଶ୍ରେଷ୍ଠ ନିଦର୍ଶନ ଦେଖାଇଥିଲେ ସାବିତ୍ରୀ । ଏହାରି ବଳରେ ସେ ମୃତ୍ୟୁର ଦେବତା ଯମଙ୍କ କବଳରୁ ନିଜ ସ୍ୱାମୀଙ୍କୁ ବଞ୍ଚାଇବାରେ ଯେ ସମର୍ଥ ହୋଇଥିଲେ ତାହା ନୁହେଁ, ଶାଶୁ ଶଶୁରଙ୍କ ଦୃଷ୍ଟିଶକ୍ତି ସହ ତାଙ୍କର ଅପହୃତ ରାଜ୍ୟ ଫେରି ପାଇବାରେ ମଧ ସହାୟକ ହୋଇଥିଲେ । ମଦ୍ର ଦେଶର ରାଜା ଅଶ୍ୱପତିଙ୍କର କନ୍ୟା ଥିଲେ ସାବିତ୍ରୀ । ରୂପଗୁଣରେ ସାବିତ୍ରୀଙ୍କ ସମକକ୍ଷ କେହି ନଥିଲେ । ବିବାହଯୋଗ୍ୟ ବୟସରେ ରାଜା ତାଙ୍କୁ ନିଜେ ପତି ନିର୍ବାଚନ କରିବା ଭାର ଅର୍ପଣ କରିଥିଲେ । ସାବିତ୍ରୀ ବର ଭାବରେ ନିର୍ବାଚନ କରିଥିଲେ ରାଜ୍ୟ ଦ୍ୟୁମତ ସେନଙ୍କ ପୁତ୍ର ସତ୍ୟବାନଙ୍କୁ । ଦ୍ୟୁମତ ସେନ ଓ ତାଙ୍କ ସ୍ତ୍ରୀ ଚକ୍ଷୁହୀନ ହୋଇପଡ଼ିବାରୁ ଶତ୍ରୁମାନେ ତାଙ୍କୁ ରାଜ୍ୟରୁ ତଡ଼ିଦେଇ ରାଜଗାଦି ମାଡ଼ି ବସିଥିଲେ । ଏକମାତ୍ର ପୁତ୍ର ସତ୍ୟବାନ ଥିଲେ ସର୍ବଲକ୍ଷଣଯୁକ୍ତ, ସତ୍ୟନିଷ୍ଠ ତଥା ଧର୍ମପରାୟଣ । ପିତାଙ୍କ ନିକଟରେ ପତି ନିର୍ବାଚନ କଥା ସାବିତ୍ରୀ କହୁଥିବା ସମୟରେ ଜାଣିବାକୁ ପାଇଥିଲେ ସତ୍ୟବାନଙ୍କ ସ୍ୱଳ୍ପଆୟୁ ସମ୍ପର୍କରେ - ଏକବର୍ଷ ମଧ୍ୟରେ ମୃତ୍ୟୁ । କ୍ଷଣଆୟୁସମ୍ପନ୍ନ ସତ୍ୟବାନଙ୍କ ଠାରୁ ମନ ଫେରାଇଆଣି ଅନ୍ୟପତି ନିର୍ବାଚନ ପାଇଁ ଚାହିଁଥିଲେ ତାଙ୍କର ପିତାମାତା । ସାବତ୍ରୀ କିନ୍ତୁ ଥିଲେ ଦୃଢ଼ପ୍ରତୀଜ୍ଞ, ସଂକଳ୍ପବଦ୍ଧ । ମନଭିତରେ ଯାହାଙ୍କୁ ପତି ରୂପେ ବରଣ କରିଛନ୍ତି କୌଣସି ପରିସ୍ଥିତିରେ ତାଙ୍କୁ ଦୂରେଇ ଦେବାକୁ ସେ ଚାହିଁ ନଥିଲେ । ବିବାହ ନ କରିଥିଲେ ବି ମନେ ମନେ ତାଙ୍କୁ ସ୍ୱାମୀ ଭାବରେ ବରଣ କରିଥିଲେ । ଘୋର ଅନିଚ୍ଛା ସତ୍ତ୍ୱେ ପିତା ଅଶ୍ୱପତି ସତ୍ୟବାନଙ୍କ ସହ ତାଙ୍କର ବିବାହ କରାଇ ଦେଇଥିଲେ । ଜଙ୍ଗଲକୁ କାଷ୍ଠ ସଂଗ୍ରହ ପାଇଁ ପ୍ରତ୍ୟହ ଯାଉଥାନ୍ତି ସତ୍ୟବାନ । ସେଦିନ ଦ୍ୟୁମନ ସେନଙ୍କ ଅନୁମତି ନେଇ ସତ୍ୟବାନଙ୍କ ସହ ଜଙ୍ଗଲକୁ ଯାଇଥିଲେ ସାବିତ୍ରୀ । କାଷ୍ଠ ସଂଗ୍ରହ ବେଳେ ସତ୍ୟବାନ ଅବଶ ଓ କ୍ଳାନ୍ତ ହୋଇପଡ଼ିଲେ । ସେହିଠାରୁ ସତ୍ୟବାନ ପ୍ରାଣତ୍ୟାଗ କଲେ । ଯମଦୂତମାନେ ସାବିତ୍ରୀଙ୍କଠାରୁ ସତ୍ୟବାନଙ୍କୁ ନେବାରେ ଅସମର୍ଥ ହେବାରୁ ସ୍ୱୟଂ ଯମ ଦେବତା ଶେଷରେ ଆସି ପହଞ୍ଚିଥିଲେ । ଯମ ଦେବତା ସତ୍ୟବାନଙ୍କ ପ୍ରାଣହୀନ ପିଣ୍ଡକୁ ନେଇ ସ୍ୱର୍ଗଲୋକ ଯାତ୍ରା ସମୟରେ ସାବିତ୍ରୀ ତାଙ୍କର ପଶ୍ଚାତ୍‌ଧାବନ କଲେ । ତାଙ୍କର ଅଦ୍ଭୁତ ପବିତ୍ରତା, ସଂକଳ୍ପଶକ୍ତି, ଏକାଗ୍ରତା ଯମରାଜାଙ୍କୁ ମଧ ବିସ୍ମିତ କରିଦେଇଥିଲା । ଆୟୁଷ ପୂରିଯାଇଥିବା ସତ୍ୟବାନଙ୍କ ଜୀବନ ଭିକ୍ଷା ବ୍ୟତୀତ ତିନୋଟି ବର ମାଗିବାକୁ ସେ ସାବତ୍ରୀଙ୍କୁ କହିଥିଲେ । ବେଳେବେଳେ ଏପରି ସମୟ ଆସେ ମନୁଷ୍ୟ ତ ଛାର, ଦେବତାମାନେ ମଧ କିଂକର୍ତ୍ତବ୍ୟବିମୂଢ଼ ହୋଇ ନତି ସ୍ୱୀକାର କରିଥାନ୍ତି । ତାହାହିଁ ହୋଇଥିଲା । ମୃତ୍ୟୁର ଦେବତା ଯମରାଜ ପୁତ୍ର ସନ୍ତାନର ଜନନୀ ହେବା ବର ଯଚାରେ ସାବିତ୍ରୀ ଫେରି ପାଇଥିଲେ ସତ୍ୟବାନଙ୍କ ଜୀବନ । ଭକ୍ତି ଓ ଦୃଢ଼ସଂକଳ୍ପ ବଳରେ ଅସମ୍ଭବ କିପରି ସମ୍ଭବ ହୋଇଥାଏ, ତା'ର ନିଦର୍ଶନ ରଖିଯାଇଛନ୍ତି ସାବିତ୍ରୀ ଯୁଗଯୁଗକୁ ।

*ଯଜାତି ଭବନ, ସେକ୍ଟର-୧୦,*
*ସିଡିଏ, କଟକ*

# ସାବିତ୍ରୀ ଓଷା



ଅନୁପମା ଭୂୟାଁ

ବିଭିନ୍ନ ପର୍ବପର୍ବାଣୀ ମଧ୍ୟରେ ସାବିତ୍ରୀ ବ୍ରତ ଅନ୍ୟତମ । ଜ୍ୟେଷ୍ଠମାସ ଅମାବାସ୍ୟା ତିଥିରେ ଏହା ପାଳନ କରାଯାଉଥିବାରୁ ସେ ଦିନଟି ସାବିତ୍ରୀ ଅମାବାସ୍ୟା ଭାବରେ ପରିଚିତ । ସଧବା ନାରୀମାନଙ୍କ ଦ୍ୱାରା ପାଳିତ ହେଉଥିବା ବ୍ରତଗୁଡ଼ିକ ମଧ୍ୟରୁ ଏହା ଏକ ଶ୍ରେଷ୍ଠ ବ୍ରତ । ସତୀ, ସାଧ୍ୱୀ ପତିବ୍ରତା ସାବିତ୍ରୀଙ୍କ ସ୍ମରଣ ସାଙ୍ଗକୁ ତାଙ୍କ ପନ୍ଥା ଅନୁସରଣ ହେଉଛି ସାବିତ୍ରୀ ବ୍ରତ ପାଳନର ମୂଳ ଲକ୍ଷ୍ୟ । ସଧବା ନାରୀ ପାଇଁ ତାର ସ୍ୱାମୀ ସର୍ବସ୍ୱ । ସାବିତ୍ରୀ ବ୍ରତ ପାଳନ କରି ନାରୀ ନିଜ ପତିଙ୍କ ଦୀର୍ଘାୟୁ କାମନା କରିଥାଏ । ସାବିତ୍ରୀ ବ୍ରତ କଥାରେ ଉଲ୍ଲେଖ ରହିଛି ଯେ ଜ୍ୟେଷ୍ଠ କୃଷ୍ଣ ଅମାବାସ୍ୟା ଦିନ ସାବିତ୍ରୀ ନାମ ସ୍ମରଣ କରି ଯେଉଁ ନାରୀ ପବିତ୍ର ମନରେ ସାବିତ୍ରୀ ବ୍ରତ କରିବ ସେ ନାରୀ ଜନ୍ମେ ଜନ୍ମେ ସଧବା ରହିବ ଓ ପତି ପରାୟଣ ହୋଇ ପୁତ୍ରବତୀ, ଧନବତୀ ହେବ ଏବଂ ଅନ୍ତିମ କାଳରେ ବୈକୁଣ୍ଠପ୍ରାପ୍ତି ହେବ । ବିଭିନ୍ନ ଅଞ୍ଚଳରେ ନାନା ବିଧିରେ ସାବିତ୍ରୀବ୍ରତ ପାଳନ ହୋଇଥାଏ । କେତେକ ସ୍ଥାନରେ ଶାଳପୁଆ ଥୋଇ ବଟମୂଳରେ, ଚଉରା ମୂଳରେ ପୂଜା କରାଯାଉଥିବା ବେଳେ ଆଉ କେତେକ ସ୍ଥାନରେ ସାବିତ୍ରୀ ମନ୍ଦିରରେ ପୂଜା କରାଯାଏ । ଏହି ବ୍ରତରେ ସାବିତ୍ରୀ ଦେବୀ, ଯମଦେବତା ଏବଂ ସତ୍ୟବାନଙ୍କୁ ପୂଜା କରାଯାଇଥାଏ । କେତେକ ସ୍ଥାନରେ ମଧ୍ୟ ସାବିତ୍ରୀ ଦେବୀ, ଯମଦେବତା ଏବଂ ସତ୍ୟବାନଙ୍କ ସହିତ ଲକ୍ଷ୍ମୀନାରାୟଣଙ୍କୁ ପୂଜା କରାଯାଇଥାଏ । ସାବିତ୍ରୀ ବ୍ରତ ପାଳନର ସ୍ୱତନ୍ତ୍ରତା ହେଉଛି ଏହି ପୂଜାରେ ଅଗ୍ନିଦ୍ୱାରା ସିଦ୍ଧ କୌଣସି ପଦାର୍ଥ ଠାକୁରଙ୍କୁ ନୈବେଦ୍ୟ ରୂପେ ଅର୍ପଣ କରଯାଏ ନାହିଁ । ବିଭିନ୍ନ ପ୍ରକାର ଫଳ ଓ ଧୁଆ ମୁଗ ହିଁ ଏଥିପାଇଁ ଦରକାର ହୋଇଥାଏ । ସାବିତ୍ରୀ ବ୍ରତ କଥାରୁ ଜଣାଯାଏ ଯେ ସ୍ତ୍ରୀମାନେ ଶୀଳପୁଆକୁ ପଞ୍ଚାମୃତରେ ଶୁଦ୍ଧପୁତ କରି ସ୍ନାନ କରାଇ ସାବିତ୍ରୀ ରୂପରେ ଥାପନ୍ତି । ଫୁଲଚନ୍ଦନ, ଧୂପ ଦୀପ ଓ ନୈବେଦ୍ୟ ତାଙ୍କଠାରେ ଅର୍ପଣ କରନ୍ତି । କଇଁ, କଳାମାଳି ଓ ନୂଆ ଲୁଗା ରଖାଯାଏ । ଆମ୍ବ, ପଣସ, ଖଜୁରୀ, ତାଳ, ନଡ଼ିଆ, ମୁଗ, ବଟୁରା, ସପୁରୀ ପ୍ରଭୃତି ପୂଜା କରାଯାଏ । ଓଡ଼ିଆ ଘରେ ବୋହୂମାନେ ପାହାନ୍ତାରୁ ଉଠି ଗାଧୁଆ ସାରନ୍ତି ପାଟପଟନୀ ପରିଧାନ କରି ଶୁଦ୍ଧ ମନରେ ସାବିତ୍ରୀ ପୂଜାରେ ମନ ଦିଅନ୍ତି । ଉପବାସ ରୁହନ୍ତି । ପୂର୍ବ ରାତିରେ ମୁଗ ବଟୁରାଇ ଥାଆନ୍ତି । ଅପରାହ୍ନରେ ପୂଜା ଶେଷ ହେଲେ ଗଜାମୁଗ, ତାଳ, ନଡ଼ିଆ, ଖଜୁରି, କୋଳି, ପଣସ, ଆମ୍ବ ଓ ସପୁରୀ ପ୍ରଭୃତି ଫଳ ଆହାର କରନ୍ତି । ପୌରାଣିକ ପୃଷ୍ଠଭୂମି ଅନୁସାରେ ସାବିତ୍ରୀ ମଦ୍ର ନରପତି ଅଶ୍ୱପତିଙ୍କର କନ୍ୟା ଏବଂ ସେ ଶାଲ୍ୱ ଦେଶାଧିପତି ଦ୍ୟୁମତ ସେନଙ୍କ ପୁତ୍ର ସତ୍ୟବାନଙ୍କୁ ବିବାହ କରିଥିଲେ । ରାଜ୍ୟ ହରାଇ ପିତାମାତାଙ୍କ ସହିତ ବଣରେ ରହୁଥିଲେ ସତ୍ୟବାନ । ବିବାହର ଏକ ବର୍ଷ ପରେ ସେ ମୃତ୍ୟୁବରଣ କରିବେ ବୋଲି ବିଧି ନିର୍ଦ୍ଦିଷ୍ଟ ଥିଲା । ତେଣୁ ବର୍ଷେ ପୂରିବାର ୩ ଦିନ ପୂର୍ବରୁ ସାବିତ୍ରୀ କଠୋର ଧ୍ୟାନରେ ବସିଲେ । ୪ର୍ଥ ଦିନ ଅର୍ଥାତ୍ ଯେଉଁ ଦିନ ସତ୍ୟବାନଙ୍କ ମୃତ୍ୟୁ ହେବାର ଥିଲା ସେ ଦିନ ଶାଶୁ ଶ୍ୱଶୁରଙ୍କୁ ପ୍ରଣାମ କରି ପତିଙ୍କୁ ଧରି ସାବିତ୍ରୀ ବଣକୁ ଗଲେ । ସେଠାରେ ସତ୍ୟବାନ କାଠ କାଟୁଥିବା ବେଳେ ମସ୍ତକରେ ପୀଡ଼ା ଅନୁଭବ କଲେ ଏବଂ ସାବିତ୍ରୀଙ୍କ କୋଳରେ ମସ୍ତକ ରଖି ଚିରଦିନ ପାଇଁ ଆଖି ବୁଜିଲେ । ଏହାପରେ ସ୍ୱୟଂ ଯମରାଜ ସେଠାରେ ପହଞ୍ଚି ସତ୍ୟବାନ ଶରୀରରୁ ଅଙ୍ଗୁଳି ପରିମିତ ଜୀବନକୁ ଫାସରେ ବାନ୍ଧି ଦକ୍ଷିଣାଭିମୁଖୀ ଯାତ୍ରା କରିବା ମାତ୍ରକେ ସାବିତ୍ରୀ ତାଙ୍କର ଅନୁଗମନ କଲେ । ଯମରାଜ ଯେତେ ବୁଝାଇଲେ ସେ ବୁଝିଲେ ନାହିଁ । ତେଣୁ ଯମତାଙ୍କୁ ସତ୍ୟବାନଙ୍କ ଜୀବନ ବ୍ୟତୀତ ଅନ୍ୟ ଯାହା ମାଗିଲେ ଦେବେ ବୋଲି କହିଲେ । ସାବିତ୍ରୀ କହିଲେ ମୋର ଅନ୍ଧ ଶ୍ୱଶୁରଙ୍କୁ ଚକ୍ଷୁଦାନ କରି ତେଜସ୍ୱୀ କରନ୍ତୁ । ଯମରାଜ ତଥାସ୍ତୁ କହିଲେ । ଶେଷରେ ସେ ନିଜ ପାଇଁ ଶହେ ପୁତ୍ର ମାଗିଲେ । ଯମରାଜ ତଥାସ୍ତୁ କହନ୍ତେ ବୁଦ୍ଧିମତୀ ସତୀ ସାବିତ୍ରୀ କହିଲେ ଆପଣତ ମୋର ପତିଙ୍କୁ ନେଇ ଯାଉଛନ୍ତି ମୁଁ ପୁତ୍ରବତୀ ହେବି କିପରି । ଶେଷରେ ସାବିତ୍ରୀଙ୍କ ପାଖରେ ପରାଜୟ ସ୍ୱୀକାର କରି ଯମରାଜ ସତ୍ୟବାନଙ୍କ ଜୀବନ ଫେରାଇ ଦେଇଥିଲେ । ସତ୍ୟବାନ ପୁନଃ ଜୀବନ ଲାଭ କରି ସାବିତ୍ରୀଙ୍କୁ ଧରି ଆଶ୍ରମକୁ ଫେରିଗଲେ ଏବଂ ପିତାଙ୍କ ଚକ୍ଷୁଲାଭ, ରାଜ୍ୟଲାଭ କରିଥିବା ଦେଖି ସମସ୍ତ କଥା ଶୁଣି ପତିବ୍ରତା ନାରୀର ପ୍ରଶଂସା କଲେ । ସତ୍ୟବାନ ସିଂହାସନରେ ବସିଲେ, ଶତପୁତ୍ର ଲାଭ କଲେ ଏବଂ ସାବିତ୍ରୀ ନାରୀ ଜଗତରେ ଚିରଦିନ ପୂଜ୍ୟା ଏବଂ ସ୍ମରଣୀୟ ହୋଇ ରହିଲେ । ଏହି ପତିବ୍ରତା ନାରୀଙ୍କୁ ସ୍ମରଣ କରିବା ପାଇଁ ପ୍ରତି ବର୍ଷ ପାଳିତ ହେଉଛି ସାବିତ୍ରୀ ଓଷା ।

*'ସାଇବିଥି' ୭ଡି/୧୩୫୪, ସେକ୍ଟର-୯,*
*ସିଡିଏ, କଟକ*

# ନାରୀ ଓ ସାବିତ୍ରୀ ଓଷା



ନିରୂପମା ଭୂୟାଁ

ବାର ମାସରେ ତେର ପର୍ବ । ଏହି ସବୁ ପର୍ବପର୍ବାଣୀ ଆମ ସଂସ୍କୃତି ଏବଂ ପରମ୍ପରାର ପ୍ରତୀକ । ପ୍ରତ୍ୟେକ ପର୍ବ ପର୍ବାଣୀରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ । ବିଭିନ୍ନ ପର୍ବପର୍ବାଣୀ ମଧ୍ୟରେ ସାବିତ୍ରୀ ବ୍ରତ ଅନ୍ୟତମ । ଜ୍ୟେଷ୍ଠମାସ ଅମାବାସ୍ୟା ତିଥିରେ ଏହା ପାଳନ କରାଯାଉଥିବାରୁ ସେ ଦିନଟି ସାବିତ୍ରୀ ଅମାବାସ୍ୟା ଭାବରେ ପରିଚିତ । ସଧବା ନାରୀମାନଙ୍କ ଦ୍ୱାରା ପାଳିତ ହେଉଥିବା ବ୍ରତ ଗୁଡ଼ିକ ମଧ୍ୟରୁ ଏହା ଏକ ଶ୍ରେଷ୍ଠ ବ୍ରତ । ସତୀ, ସାଧ୍ୱୀ ପତିବ୍ରତ ସାବିତ୍ରୀଙ୍କ ସ୍ମରଣ ସାଙ୍ଗକୁ ତାଙ୍କ ପନ୍ଥା ଅନୁସରଣ ହେଉଛି ସାବିତ୍ରୀ ବ୍ରତ ପାଳନର ମୂଳ ଲକ୍ଷ୍ୟ । ସଧବା ନାରୀ ପାଇଁ ତାର ସ୍ୱାମୀ ସର୍ବସ୍ୱ । ସାବିତ୍ରୀ ବ୍ରତ ପାଳନ କରି ନାରୀ ନିଜ ପତିଙ୍କ ପାଳନ କରି ନାରୀ ନିଜ ପତିଙ୍କ ଦୀର୍ଘାୟୁ କାମନା କରିଥାଏ । ସାବିତ୍ରୀ ବ୍ରତ କଥାରେ ଉଲ୍ଲେଖ ରହିଛି ଯେ ଜ୍ୟେଷ୍ଠ କୃଷ୍ଣ ଅମାବାସ୍ୟା ଦିନ ସାବିତ୍ରୀ ନାମ ସ୍ମରଣ କରି ଯେଉଁ ନାରୀ ପବିତ୍ର ମନରେ ସାବିତ୍ରୀ ବ୍ରତ କରିବ ସେ ନାରୀ ଜନ୍ମେ ଜନ୍ମେ ସଧବା ରହିବ ଓ ପତି ପରାୟଣ ହୋଇ ପୁତ୍ରବତୀ, ଧନବତୀ ହେବ ଏବଂ ଅନ୍ତିମ କାଳରେ ବୈକୁଣ୍ଠପ୍ରାପ୍ତି ହେବ । ବିଭିନ୍ନ ଅଞ୍ଚଳରେ ନାନା ବିଧିରେ ସାବିତ୍ରୀବ୍ରତ ପାଳନ ହୋଇଥାଏ । କେତେକ ସ୍ଥାନରେ ଶୀଳପୁଆ ହୋଇ ବଟମୂଳରେ, ଚଉରା ମୂଳରେ ପୂଜା କରାଯାଉଥିବା ବେଳେ ଆଉ କେତେକ ସ୍ଥାନରେ ସାବିତ୍ରୀ ମନ୍ଦିରରେ ପୂଜା କରାଯାଏ । ଏହି ବ୍ରତରେ ସାବିତ୍ରୀ ଦେବୀ, ଯମଦେବତା ଏବଂ ସତ୍ୟବାନଙ୍କୁ ପୂଜା କରାଯାଇଥାଏ । କେତେକ ସ୍ଥାନରେ ମଧ ସାବିତ୍ରୀ ଦେବୀ ଯମଦେବତା ଏବଂ ସତ୍ୟବାନଙ୍କ ସହିତ ଲକ୍ଷ୍ମ ନାରାୟଣଙ୍କୁ ପୂଜା କରାଯାଇଥାଏ । ସାବିତ୍ରୀ ବ୍ରତ ପାଳନରେ ସ୍ୱତନ୍ତ୍ରତା ହେଉଛି ଏହି ପୂଜାରେ ଅଗ୍ନିଦ୍ୱାରା ସିଦ୍ଧ କୌଣସି ପଦାର୍ଥ ଠାକୁରଙ୍କୁ ନୈବେଦ୍ୟ ରୂପେ ଅର୍ପଣ କରାଯାଏ ନାହିଁ । ବିଭିନ୍ନ ପ୍ରକାର ଫଳ ଓ ଧୁଆ ମୁଗ ହିଁ ଏଥିପାଇଁ ଦରକାର ହୋଇଥାଏ । ସାବିତ୍ରୀ ବ୍ରତ କଥାରୁ ଜଣାଯାଏ ଯେ ସ୍ତ୍ରୀ ମାନେ ଶୀଳ ପୁଆକୁ ପଞ୍ଚାମୃତରେ ଶୁଦ୍ଧପୁତ କରି ସ୍ନାନ କରାଇ ସାବିତ୍ରୀ ରୂପରେ ଥାପନ୍ତି । ଫୁଲ ଚନ୍ଦନ, ଧୂପ ଦୀପ ଓ ନୈବେଦ୍ୟ ତାଙ୍କଠାରେ ଅର୍ପଣ କରନ୍ତି । କଇଁ, କଳାମାଳି ଓ ନୂଆ ଲୁଗା ରଖାଯାଏ । ଆମ୍ବ ପଣସ, ଖଜୁରି, ତାଳ, ନଡ଼ିଆ, ମୁଗ ବଟୁରା, ସପୁରୀ ପ୍ରଭୃତି ପୂଜା କରାଯାଏ । ହିନ୍ଦୁ କିମ୍ବଦନ୍ତୀରେ ଜଣେ ଶ୍ରେଷ୍ଠ କନ୍ୟା ହେଲେ ସାବିତ୍ରୀ । ସେ ମାତୃଦେବୀଙ୍କ ମରଣଶୀଳ ବା ପାର୍ଥିବ ଅବତାର । ସେ ଥିଲେ ରାଜକନ୍ୟା ବିବାହ କରିଥିଲେ ସ୍ୱଇଚ୍ଛାରେ । ବିନା ଯାନିଯୌତୁକରେ ବରଘରକୁ ଗମନ କରିଥିଲେ । ମହାଭାରତରେ ସାବିତ୍ରୀ କନ୍ୟ ତେଜସ୍ୱିନୀ ଭାବେ ବର୍ଣ୍ଣିତ । ତାଙ୍କ ତେଜ ଓ ବ୍ୟକ୍ତିତ୍ୱ ଆଗରେ ପୁରୁଷମାନେ ଫିକାପଡ଼ିଯାଇଥିଲେ । ସାବିତ୍ରୀ ଦେବୀଙ୍କୁ ପ୍ରାର୍ଥନା କରି ମାଦ୍ରଦେଶର ରାଜା ଅଶ୍ୱପତି ତାଙ୍କୁ କନ୍ୟା ରୂପେ ପାଇଥିଲେ । ସାବିତ୍ରୀଙ୍କ ବିବାହ ସମୟ ଉପସ୍ଥିତ ହୁଅନ୍ତେ, ଅଶ୍ୱପତି ଜାମାତା ଚୟନ କରି ନ ପାରି, ତାହା ସାବିତ୍ରୀଙ୍କ ଉପରେ ଛାଡ଼ି ଦେଇଥିଲେ । ପିତାଙ୍କ ମାନସିକ ଅବସ୍ଥା ଅନୁଭବ କରି ସାବିତ୍ରୀ ନିଜେ ପତି ଅନ୍ୱେଷଣ ଆରମ୍ଭ କରିଥିଲେ । ଦିନେ ରଥାରୂଢ଼ା ସାବିତ୍ରୀ ବନସ୍ତ ମଧ୍ୟରେ ଭେଟିଲେ ଶାଲ୍ୱ ରାଜପୁତ୍ର ସତ୍ୟବାନଙ୍କୁ । ସେତେବେଳକୁ ଶାଲ୍ୱ ନରପତି ଦ୍ୟୁମତ୍‌ସେନ ଷଡ଼ଯନ୍ତ୍ରର ଶିକାର ହୋଇ ସପରିବାର ନିଘଞ୍ଚ ଅରଣ୍ୟ ମଧ୍ୟରେ ବାସକରୁଥାନ୍ତି । ପର୍ଣ୍ଣକୁଟୀର ଭିତରେ ଅତି ସାଧାରଣ ଜୀବନଯାପନ କରୁଥାନ୍ତି ସେମାନେ । ସତ୍ୟବାନଙ୍କ ରୂପ ଗୁଣ ଦ୍ୱାରା ବିମୁଗ୍ଧା ସାବିତ୍ରୀ କେବଳ ତାଙ୍କୁ ହିଁ ବିବାହ କରିପାରିବେ ବୋଲି ହୃଦୟଙ୍ଗମ କଲେ । ବିବାହ ପରେ ସତ୍ୟବାନ ମାତ୍ର ବର୍ଷଟିଏ ବଞ୍ଚିବେ, ଏହା ଜାଣିବା ସତ୍ତ୍ୱେ ସେ ତାଙ୍କୁ ବିବାହ କରି ରହିଥିଲେ ଅରଣ୍ୟରେ । ଅଶ୍ୱପତି ଚାହିଁଥିଲେ ନିଜ କନ୍ୟାର ଖୁସି ପାଇଁ ଅନେକ କିଛି କରିପାରିଥାନ୍ତେ । କିନ୍ତୁ ସାବିତ୍ରୀ ବା ସତ୍ୟବାନ କିଛି ବି ଚାହିଁ ନଥିଲେ । ଠିକ୍ ବର୍ଷକ ପରେ ସତ୍ୟବାନଙ୍କର ମୃତ୍ୟୁ ଘଟିଥିଲା । ମହାସତୀ ସାବିତ୍ରୀଙ୍କ ତପ ବଳରେ ସେ ପାଇଥିଲେ ପୁନର୍ଜୀବନ । ଯମରାଜଙ୍କୁ ନିଜର ଅକାଟ୍ୟ ଯୁକ୍ତି ବଳରେ ସନ୍ତୁଷ୍ଟ କରି ସାବିତ୍ରୀ ନିଜ ପତିଙ୍କୁ ଫେରିପାଇଥିଲେ । ଜ୍ୟେଷ୍ଠ କୃଷ୍ଣ ପକ୍ଷ ଅମାବାସ୍ୟାରେ ସାବିତ୍ରୀ ବ୍ରତ ପାଳିତ ହୁଏ । ମୁଖ୍ୟତଃ ପୂର୍ବ ଓ ଉତ୍ତର ଭାରତୀୟ ସଧବାମାନେ ସାବିତ୍ରୀ ବ୍ରତ ପାଳନ କରନ୍ତି । ଓଡ଼ିଆ ଘରର ବୋହୂମାନେ ପାହାନ୍ତାରୁ ଉଠି ଗାଧୁଆ ସାରନ୍ତି ପାଟପଟନୀ ପରିଧାନ କରି ଶୁଦ୍ଧ ମନରେ ସାବିତ୍ରୀ ପୂଜାରେ ମନ ଦିଅନ୍ତି । ଉପବାସ ରୁହନ୍ତି । ପୂର୍ବ ରାତିରେ ମୁଗ ବଟୁରାଇ ଥାଆନ୍ତି । ଅପରାହ୍ନରେ ପୂଜା ଶେଷ ହେଲେ ଗଜାମୁଗ, ତାଳ, ନଡ଼ିଆ, ଖଜୁରି, କୋଳି, ପଣସ, ଆମ୍ବ ଓ ସପୁରି ପ୍ରଭୃତି ଫଳ ଆହାର କରନ୍ତି । ପୌରାଣିକ ପୃଷ୍ଠଭୂମି ଅନୁସାରେ ସାବିତ୍ରୀ ମଦ୍ର ନରପତି ଅଶ୍ୱପତିଙ୍କର କନ୍ୟା ଏବଂ ସେ ଶାଲ୍ୱ ଦେଶାଧିପତି ଦ୍ୟୁମତ ସେନଙ୍କ ପୁତ୍ର ସତ୍ୟବାନଙ୍କୁ ବିବାହ କରିଥିଲେ । ରାଜ୍ୟ ହରାଇ ପିତାମାତାଙ୍କ ସହିତ ବଣରେ ରହୁଥିଲେ ସତ୍ୟବାନ । ବିବାହର ଏକ ବର୍ଷ ପରେ ସେ ମୃତ୍ୟୁବରଣ କରିବେ ବୋଲି ବିଧି ନିର୍ଦ୍ଦିଷ୍ଟ ଥିଲା । ତେଣୁ ବର୍ଷେ ପୂରିବାର ୩ ଦିନ ପୂର୍ବରୁ ସାବିତ୍ରୀ କଠୋର ଧ୍ୟାନରେ ବସିଲେ । ୪ର୍ଥ ଦିନ ଅର୍ଥାତ୍ ଯେଉଁ ଦିନ ସତ୍ୟବାନଙ୍କର ମୃତ୍ୟୁ ହେବାର ଥିଲା ସେ ଦିନ ଶାଶୁ ଶ୍ୱଶୁରଙ୍କୁ ପ୍ରଣାମ କରି ପତିଙ୍କୁ ଧରି ସାବିତ୍ରୀ ବଣକୁ ଗଲେ । ସେଠାରେ ସତ୍ୟବାନ କାଠ କାଟୁଥିବା ବେଳେ ମସ୍ତକରେ ପୀଡ଼ା ଅନୁଭବ କଲେ ଏବଂ ସାବିତ୍ରୀଙ୍କ କୋଳରେ ମସ୍ତକ ଧରି ଚିରଦିନ ପାଇଁ ଆଖି ବୁଜିଲେ । ଏହାପରେ ସ୍ୱୟଂ ଯମରାଜ ସେଠାରେ ପହଞ୍ଚି ସତ୍ୟବାନ ଶରୀରରୁ ଅଙ୍ଗୁଳି ପରିମିତ ଜୀବନକୁ ଫାସରେ ବାନ୍ଧି ଦକ୍ଷିଣାଭିମୁଖୀ ଯାତ୍ରା କରିବା ମାତ୍ରକେ ସାବିତ୍ରୀ ତାଙ୍କର ଅନୁଗମନ କଲେ । ଯମରାଜ ଯେତେ ବୁଝାଇଲେ ସେ ବୁଝିଲେ ନାହିଁ । ତେଣୁ ଯମତାଙ୍କୁ ସତ୍ୟବାନଙ୍କ ଜୀବନ ବ୍ୟତୀତ ଅନ୍ୟ ଯାହା ମାଗିଲେ ଦେବେ ବୋଲି କହିଲେ । ସାବିତ୍ରୀ କହିଲେ ମୋର ଅନ୍ଧ ଶ୍ୱଶୁରଙ୍କୁ ଚକ୍ଷୁଦାନ କରି ତେଜସ୍ୱ କରନ୍ତୁ । ଯମରାଜ ତଥାସ୍ତୁ କହିଲେ । ଶେଷରେ ସେ ନିଜ ପାଇଁ ଶହେ ପୁତ୍ର ମାଗିଲେ । ଯମରାଜ ତଥାସ୍ତୁ କହନ୍ତେ ବୁଦ୍ଧିମତୀ ସତୀ ସାବିତ୍ରୀ କହିଲେ ଆପଣ ମୋର ପତିଙ୍କୁ ନେଇ ଯାଉଛନ୍ତି ମୁଁ ପୁତ୍ରବତୀ ହେବି କିପରି । ଶେଷର ସାବିତ୍ରୀଙ୍କ ପାଖରେ ପରାଜୟ ସ୍ୱୀକାର କରି ଯମରାଜ ସତ୍ୟବାନଙ୍କୁ ଜୀବନ ଫେରାଇ ଦେଇଥିଲେ । ସତ୍ୟବାନ ପୁନଃ ଜୀବନ ଲାଭ କରି ସାବିତ୍ରୀଙ୍କୁ ଧରି ଆଶ୍ରମକୁ ଫେରିଲେ ଏବଂ ପିତାଙ୍କ ଚକ୍ଷୁଲାଭ, ରାଜ୍ୟ ଲାଭ କରିଥିବା ଦେଖି ସମସ୍ତ କଥା ଶୁଣି ପତିବ୍ରତା ନାରୀର ପ୍ରଶଂସା କଲେ । ସତ୍ୟବାନ ସିଂହାସନରେ ବସିଲେ, ସାବିତ୍ରୀ ନାରୀ ଜଗତରେ ଚିରଦିନ ପୂଜ୍ୟା ଏବଂ ସ୍ମରଣୀୟ ହୋଇ ରହିଲେ ।

*ଜିଲ୍ଲା ସଂଯୋଜିକା (ଶିକ୍ଷା)*
*ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ,*
*କେନ୍ଦ୍ରାପଡ଼ା ଜିଲ୍ଲା,*
*ପଲାଇବାଲିଚନ୍ଦ୍ରପୁର,*
*ଯାଜପୁର, ମୋ: ୯୯୩୭୪୭୦୯୮୦*

# ସାବିତ୍ରୀ ବ୍ରତ : ସାଧନାର ଅନ୍ତର୍ଗାଥା



ଅନସୂୟା ମହାପାତ୍ର

ଆମ ସାମାଜିକ ପରମ୍ପରାରେ' ସାବିତ୍ରୀ ବ୍ରତ ' ପାଳନ ଏକ ଅନନ୍ୟ ପ୍ରଥା। ବିବାହିତ ମହିଳାମାନେ ଜ୍ୟେଷ୍ଠ ମାସର ଅମାବାସ୍ୟା ତିଥିରେ ନିଜର ସ୍ୱାମୀଙ୍କ ସୁସ୍ଥତା ଓ ଦୀର୍ଘାୟୁଷ ନିମିତ୍ତ ବ୍ରତ ଧାରଣ କରନ୍ତି। ମହର୍ଷି ବ୍ୟାସଦେବ ବିରଚିତ ମହାଭାରତର ବନ ପର୍ବର ସାବିତ୍ରୀ ପସତ୍ୟବାନ୍ ଉପାଖ୍ୟାନକୁ ଆଧାର କରି ଏହି ବ୍ରତ ର ମହିମା ଲୋକରେ ପ୍ରଚଳିତ ଅଛି। ମଦ୍ର ନରେଶ ଅଶ୍ୱପତି ସ୍ୱୟଂ ନିଜର କନ୍ୟା ସାବିତ୍ରୀ ଅସାମାନ୍ୟ ସୁନ୍ଦରୀ, ଜ୍ଞାନୀ, ଅସ୍ତ୍ର ,ଶସ୍ତ୍ର ଓ ଶାସ୍ତ୍ରରେ ନିପୁଣ ଥିବାରୁ ଉପଯୁକ୍ତ ବରପାତ୍ର ଅନ୍‌ୱେଷଣରେ ଅସମର୍ଥ ହୋଇ କନ୍ୟାକୁ ନିଜ ପସନ୍ଦରେ ପ୍ରାର୍ଥୀ ଚୟନ ପାଇଁ ଆଦେଶ ଦେଇଥିଲେ। ସାବିତ୍ରୀ ଦେଶ ରୁ ଦେଶାନ୍ତର ବୁଲି ଶେଷରେ ବଣରେ ରାଜ୍ୟହରା ହୋଇ ଅନ୍ଧ ଅବସ୍ଥାରେ ବାସକରୁଥିବା ଶାଲ୍ୱ ନାରେଶଙ୍କ ପୁତ୍ର ସତ୍ୟବାନ୍‌ଙ୍କୁ ଉପଯୁକ୍ତ ପାତ୍ରରୂପେ ଚୟନ କରି ପିତାଙ୍କୁ ଜଣାଇବାବେଳେ, ସେଠାରେ ଉପସ୍ଥିତ ଦେବର୍ଷି ନାରଦଙ୍କ ଭବିଷ୍ୟ ବାଣୀ ଥିଲା ଏହି ସତ୍ୟବାନଙ୍କ ଆୟୁଷ ମାତ୍ର ଏକ ବର୍ଷ ।ଏହି ସମ୍ବାଦ ରେ ପ୍ରତିକ୍ରିୟା ପ୍ରକାଶ କରି ଏଥିରୁ ନିବୃତ୍ତ ପାଇଁ ପିତାମାତା ସାବିତ୍ରୀ ଙ୍କୁ ଅନୁରୋଧ କଲେ। କିନ୍ତୁ ନଦୀର ଜଳ ଧାର ପରି ଦୃଢ ନିଶ୍ଚୟା ସାବିତ୍ରୀଙ୍କ ମନର ସିଦ୍ଧାନ୍ତକୁ ବିପରୀତ ଦିଗରେ ନେବାକୁ କେହି ସମର୍ଥ ହେଲେ ନାହିଁ। ଯଥାରୀତିରେ ବିବାହ ସମ୍ପନ୍ନ ହେବା ପରେ ସାବିତ୍ରୀ ବଣରେ ସ୍ୱାମୀ, ଶାଶୁ ଓ ଶଶୁରଙ୍କ ସହ ଖୁସିରେ ଦିବସ ଅତିବାହିତ କଲେ ।ବିବାହପରେ ପାତିବ୍ରତ ଧର୍ମ ପାଳନ କରୁଥିବା ସାବିତ୍ରୀ ନାରଦଙ୍କ ସେହି ନିର୍ମମ ବାଣୀ ପ୍ରତି ସତତ ସତର୍କ ଥିଲେ। ଗୋଟି ଏ ମୂହୁର୍ତ୍ତ ମଧ ଭୁଲି ନ ଥିଲେ ସେହି ନିଷ୍ଠୁର ବାକ୍ୟଟିକୁ ଓ ନିଜକୁ ସେଥିପାଇଁ ପ୍ରସ୍ତୁତ କରୁଥିଲେ । ବର୍ଷ ପୂର୍ତ୍ତିର ଚାରିଦିନ ପୂର୍ବରୁ ମନପ୍ରାଣ ରେ ପ୍ରସନ୍ନ ରହି ସେ ନିର୍ଜଳା ଉପବାସ କରି ତ୍ରିରାତ୍ର ବ୍ରତ ଅବଲମ୍ବନ କଲେ । ନିର୍ଦ୍ଧାରିତ ଦିନ ସେ ନିଜର ହୃଦୟକୁ ଦୁଇଭାଗରେ ବିଭକ୍ତ କଲା ପରି ଗୋଟିଏ ଭାଗରେ ସ୍ୱାମୀ ଓ ଅନ୍ୟ ଭାଗରେ ଦାରୁଣ ମୁହୂର୍ତ୍ତକୁ ଅପେକ୍ଷା କରି ବଣରେ ସ୍ୱାମୀଙ୍କ ନିକଟସ୍ଥ ଥିଲେ। କିଛି ସମୟ ଅନ୍ତର ପରେ ତାଙ୍କ ପ୍ରାଣବାୟୁ ଉଡ଼ିଯାନ୍ତେ , ସ୍ୱୟଂ ଯମଦେବତା ଆସି ନେବା ଓ ସାବିତ୍ରୀ ଅନୁସରଣ କରି ନିଜର ଜ୍ଞାନ, ବାଗ୍ମିତା ଓ ବାକ୍ ଚାତୁରୀରେମୃତ୍ୟୁ ଦେବତା ଯମ ଙ୍କ ଠାରୁ ନିଜ ସ୍ୱାମୀଙ୍କୁ ଫେରାଇଆଣିଥିଲେ। ବ୍ୟାସଙ୍କ ଏହି ଉପାଖ୍ୟାନକୁ ଆଧାର କରି ସାବିତ୍ରୀଙ୍କ ଚରିତ୍ରକୁ ନେଇ ଭାରତର ସ୍ୱାଧୀନତା ସଂଗ୍ରାମୀ, ଆଧ୍ୟାତ୍ମିକଗୁରୁ ତଥା ମହାନ୍ ଯୋଗୀ ଶ୍ରୀ ଅରବିନ୍ଦ ରଚନା କରିଛନ୍ତି 'ସାବିତ୍ରୀ ' ମହାକାବ୍ୟ। ସାବିତ୍ରୀ ଥିଲେ ସୃଷ୍ଟିରେ ଦିବ୍ୟାଚେତନାର ପ୍ରତୀକ। ତାଙ୍କ ଭାଷାରେ, ସାବିତ୍ରୀଙ୍କ ପ୍ରତି ଥିବା ଆହ୍ୱାନଥିଲା,। ' ହୁଏତଃ ସହ୍ୟ କରି ଚାଲିବେ ସେ ଚିରଦିନ ପାଇଁ ଅଜ୍ଞାନ ଓ ମୃତ୍ୟୁ କୁ! କିମ୍ବା ନିର୍ମାଣ କରି ଚାଲିବେ ଅମରତ୍ୱର ପଥ ।ମଣିଷ ପାଇଁ ସେ ଦେବତା ଭଳି ଖେଳିବେ, ନିୟତି ସହିତ ଏକ ଦ୍ୟୁତକ୍ରୀଡା ନିଜକୁ ବାଜି ରଖି, ହୁଏତ ସେ ସେଥିରେ ଜିତିବେ ବା ହାରିବେ।'

ଭାରତୀୟ ପୁରାଣ ପୃଷ୍ଠାରେ ଅନେକବାର ସତୀତ୍ୱର ଶକ୍ତି ଓ ପରାକାଷ୍ଠା ର କାହାଣୀ ଆମର ଶ୍ରୁତି ଗୋଚର ହୁଏ ।ସତୀତ୍ୱ ଦ୍ୱାରା ଏକଦା ବ୍ରହ୍ମା ବିଷ୍ଣୁ ମହେଶ୍ୱର ଶିଶୁ ରୂପରେ ପରିବର୍ତ୍ତିତ ହେବା,ଏକ ରାତି ସାତ ଟି ରାତି ହୋଇ ସୂର୍ଯ୍ୟଦେବଙ୍କ ଗତିପଥ ରୋଧ ହେବାର କାହାଣୀ ଶୁଣାଯାଏ । ଆଉ ଶ୍ରୀଅରବିନ୍ଦ ସାଧାରଣ ଭାବେ ବର୍ଣ୍ଣିତ ସତୀତ୍ୱର ଅସ୍ତିତ୍ୱକୁ ସାବିତ୍ରୀଙ୍କର ଏକ ଉର୍ଜା ବା ଚେତନାର ଜାଗରଣ ବୋଲି ଉଲ୍ଲେଖ କରିଛନ୍ତି। ଏହା ଉର୍ଜାସ୍‌ରୋତକୁ ଅବଲମ୍ବନ କରି ମୃତ୍ୟୁ କବଳରୁ ମଣିଷ ମୁକ୍ତ ହୋଇପାରେ ବୋଲି ସମ୍ଭାବନା ରହିଥିବାର ସୁଚାଇଛନ୍ତି। ଏହା ସାବିତ୍ରୀଙ୍କ ବିଜୟ ଯାତ୍ରା ନୁହେଁ , ମୃତ୍ୟୁ ର ଏକ ରୂପାନ୍ତରୀକରଣ। ଏହି ମୃତ୍ୟୁ ହେଉଛି ସବୁ ପାପ ଓ ଦୁଃଖର ମୂଳ। ମୃତ୍ୟୁ କହିଲେ ଅଚେତ, ଅଜ୍ଞାନ, ମିଥ୍ୟା ବୋଧ ବା ନୈରାଶ୍ୟକର ନାସ୍ତିତ୍ୱ। ଏହି ମିଥ୍ୟାବୋଧ ରେ ରହି ନିଜର ଦେହ ,ମନ ଓ ଆତ୍ମା ରେ ନିଷ୍କ୍ରିୟତାଅନୁଭବ ହିଁ ମୃତ୍ୟୁ। ଶ୍ରୀ ଅରବିନ୍ଦଙ୍କ ମତରେ, ଏହି ନକାରାତ୍ମକ ମୃତ୍ୟୁର ପ୍ରତିପକ୍ଷ ହେଉଛି 'ପ୍ରେମ '। ଯଦିଓ ପ୍ରେମ ହାତରୁ ଜୀବନକୁ ମୃତ୍ୟୁ ଛଡାଇ ନେଇଛି ମାତ୍ର ପ୍ରେମକୁ ନେଇ ପାରିନାହିଁ। ଆଉ ପ୍ରେମ ଅପେକ୍ଷାରତ ଜୀବନକୁ ମୃତ୍ୟୁ ହାତରୁ ଉଦ୍ଧାର କରିବାର ସେହି ଶୁଭ ମୂହୁର୍ତ୍ତକୁ। ଶ୍ରୀ ଅରବିନ୍ଦ, ଶୁଣାଇଛନ୍ତି ଆଶାର ବାଣୀ, ମଣିଷ ଯଦି ନିଜ ନିକଟରେ ଥିବା ମାନବୀୟ ପ୍ରେମକୁ ଦିବ୍ୟପ୍ରେମ ରେ ପରିଣତ କରିବ, ତେବେ ତାହା ସମ୍ଭବ ହେବ। ଦିବ୍ୟପ୍ରେମ ହେଉଛି, ମଣିଷ ଭିତରର ଅନ୍ତରାତ୍ମାର ସର୍ବୋତ୍ତମ ବିଭୂତି। ଏହି ଦିବ୍ୟପ୍ରେମର ଅଧିକାରୀ ହେଲେ ହିଁ ନିଜଭିତରେ ଦିବ୍ୟଶକ୍ତି , ତେଜ, ବଳ , ବୀର୍ଯ, ପବିତ୍ରତା, ସାମର୍ଥ୍ୟ ଓ ଉଚ୍ଚ୍ମାନସିକତାର ଜାଗରଣ ଫଳରେ ମୃତ୍ୟୁର ଦାସତ୍ୱରୁ ମୁକ୍ତ ହେବ। ଭାଗ୍ୟ ଓ ନିୟତିକୁ ବଦଳାଇବାର ବ୍ୟକ୍ତିତ୍ୱ ତା' ମଧ୍ୟରେ ଆଗତ ହେବ। ମୃତ୍ୟୁ ରୂପକ ଅତୀତର ଅନ୍ଧାରକୁ ଅପସାରଣ କରି ଦିବ୍ୟ ପ୍ରେମ ହିଁ ଶକ୍ତି ଯୋଗାଇଦେବ ।ମୃତ୍ୟୁ ର ମୃତ୍ୟୁ ହେଲେ ସେ ଅମରତ୍ୱର ଯାତ୍ରାରେ ଅଗ୍ରସର ହେବ। ଏହି ମର ପୃଥିବୀରେ ହିଁ ଅମରତ୍ୱ ପ୍ରତିଷ୍ଠା ହେବ। କିନ୍ତୁ ମଣିଷକୁ ସେଥିପାଇଁ ଅତିମାନସର ଚେତନାସ୍ତରକୁ ଉପନୀତ ହୋଇଥିବା ଆବଶ୍ୟକ। ଆଜିର ଏହି ମହାନ୍ ବ୍ରତର ମର୍ମ ଓ ପ୍ରାସଙ୍ଗିକତାକୁ ଉପଲବ୍ଧି କରି କେବଳ ବିବାହିତ ମହିଳା ନୁହଁନ୍ତି, ସମଗ୍ର ମଣିଷ ସମାଜ ଏଥିପାଇଁ ପ୍ରସ୍ତୁତ ହେବା ଆବଶ୍ୟକ।

*ଅନସୂୟା ମହାପାତ୍ର, ଯାଜପୁର,*
*ଦୂରଭାଷ ପା୮୭୬୩୩୯୭୧୯୯*

# ଜୀବନ ଦୋ ଛକିରେ ମଣିଷ



ଡାଃ ସୁରେନ୍ଦ୍ର ନାଥ ଦାଶ

ଜୀବନ ର ପୌଗଣ୍ଡ ଓ ଯୌବନ ଅତ୍ୟନ୍ତ ଅସ୍ଥିର ସମୟ ।ଏହି ସମୟରେ ଜ୍ଞାନ ଓ ବିବେକ ଅପେକ୍ଷା ବ୍ୟକ୍ତି ଭାବାବେଗ ଦ୍ୱାରା ଅଧିକ ପରିଚାଳିତ ହୁଏ । ହଟାତ ଭଲ ପାଇବା, ହଟାତ ବୁଝି ନବୁଝି ଘୃଣା କରିବ. ସାମାନ୍ୟ ବିପଦରେ ଭାଙ୍ଗି ପଡି ଆତ୍ମହତ୍ୟା କରିବା,ଅନ୍ୟ କୁ ହତ୍ୟା କରିବା ଭଳି ଘଟଣାଏହି ସମୟରେ ସେ କରିଥାଏ । ଏହାର ସୁଯୋଗ ନେଇ ଆତଙ୍କବାଦୀ ମାନେ ସେମାନ ଙ୍କର ଭାବାବେଗ କୁ ଉଦ୍ରେଗ କରି ବିପଦପୂର୍ଣ୍ଣ ମିଶନରେ ପଠାଇଥାଆନ୍ତି । ଠିକ ଉପଦେଶ ନପାଇଲେ ,ଠିକ ସମୟରେ ପିଲାଙ୍କୁ ଆକଟ ନକରେ ସେମାନେ ଭବିଷ୍ୟତ ଜୀବନରେ ବିପର୍ଯ୍ୟୟ ର ସାମନା କରନ୍ତି। ମହାତ୍ମା ଗାନ୍ଧିଙ୍କ ବାଲ୍ୟକାଳ ଅନୁଶୀଳନ କଲେ ଏ ସମୟରେ ଜୀବନ କିପରି ବିଶ୍ୱାସ ସଂକଟର ସମ୍ମୁଖିନ ହୋଇଥାଏ ତାହା ସ୍ପଷ୍ଟ ହୋଇ ତାଏ । ଗାନ୍ଧୀ ପିଲା ଦିନେ ଅନ୍ୟ ପିଲାମାନ ଙ୍କ ଭଳି ସାଧାରଣ ଲାଜକୁଳା ଛାତ୍ର ଥିଲେ । ସେ ସାଙ୍ଗ ମାନ ଙ୍କ ସହ ବେଶି ମିଶୁନଥିଲେ । ପାଠ ପଢିଲା ବେଳେ ଥରେ ସ୍କୁଲକୁ ପରିଦର୍ଶକ ଆସି ପିଲା ମାନ ଙ୍କ ପରୀକ୍ଷା ନେଲେ । ସେମାନେ ନିଜ ସ୍ଲେଟରେ ବାକ୍ୟ ଟିଏ ଲେଖିବାକୁ କହିଲେ । ଗାନ୍ଧି ବାକ୍ୟ ଟି ଭୂଲ ଲେଖିଥିଲେ । ପାଖରେ ଠିଆ ହୋଇଥିବା ଶିକ୍ଷକ ଆଖି ଠାରି ପାଖ ପିଲା ଠାରୁ ଦେଖି ଠିକ ବାକ୍ୟ ଲେଖିବାକୁ ଗାନ୍ଧି ଙ୍କୁ ସଙ୍କେତ ଦେଲେ । ମାତ୍ର ଗାନ୍ଧି ତାହା କଲେ ନାହିଁ । ତାଙ୍କ ବାକ୍ୟ ଟି ଭୁଲ ହେଲା ପରିଦର୍ଶକ ଗଲାପରେ ଶିକ୍ଷକ ଗାନ୍ଧିଙ୍କୁ ପଚାରିଲେ , "ମୁଁ ଠାରିଲା ପରେ ତୁମେ କାହିଁକି ପାଖ ପିଲା ଠାରୁ କପି କଲନି ?" ଗାନ୍ଧି କହିଲେ, "ଆପଣ କହିଛନ୍ତି, କପି କରିବା ଅନ୍ୟାୟ ତାହା ମୁଁ କିପରି କରିଥାଆନ୍ତି ?" ଶିକ୍ଷକ ଲଜ୍ଜିତ ହେଲେ ଛାତ୍ର ଠାରୁ ଏପରି ଉ ର ଶୁଣି ।ଏପରି ସଂକଟ ସମସ୍ତ ଙ୍କ ଜୀବନରେ ଆସେ । ଲୋଭକୁ ଏଡାଇ ଠିକ ପଥରେ କେତେ ଜଣ ଯାଆନ୍ତି ? ଗୁଜୁରାଟୀ ମାନେ ଶାକାହାରୀ । ଗାନ୍ଧୀ ପିଲା ଦିନୁ ମାଂସ ଖାଆନ୍ତି ନାହିଁ । ଥରେ ଜଣେ ମୁସଲମାନ ସାଙ୍ଗ କହିଲା, "ମାଂସ ଖାଇଲେ ବଳ ହେବ । ଇଂରେଜ ମାନେ ମାଂସ ଖାଇ ବଳୁଆ ହେବାରୁ ଆମକୁ ଶାସନ କରୁଛନ୍ତି ।" ସେ ନିଜ ମାଂସପେଶୀ ଦେଖାଇ କହିଲା, "ମାଂସ ଖାଇବାରୁ ମୁଁ ବଳୁଆ ହୋଇଛି ।"

ଗାନ୍ଧି ଦୁର୍ବଳ ଦେହୀ ଥିଲେ । ସେ ମୁସଲମାନ ସାଙ୍ଗ ସହ ଜଙ୍ଗଲରେ ଭୋଜି କରି ମାଂସ ଖାଇଲେ । ମାତ୍ର ପରେ ଅନୁତାପ କଲେ । ରାତିରେ ତାଙ୍କୁ ଲାଗିଲା, ପେଟରେ ଛେଳି କାନ୍ଦୁଛି । ସେ ଜୀବନରେ ମାଂସ କି ଅନ୍ୟ ଆମିଷ ସେହିଦିନୁ ଛାଡିଦେଲେ । ଥରେ ସାଥି ମାନଙ୍କ ସହ ସାଙ୍ଗ ହୋଇ ଗାନ୍ଧି ବିଡି ଟାଣିଲେ । ପ୍ରଥମେ ଅଧଟଣା ବିଡି, ଯାହା କି ବାପା ଭାଇ ମାନେ ଟାଣି ତଳେ ିଙ୍ଗିଥାଆନ୍ତି, ତାହା ସଂଗ୍ରହ କରି ଟାଣିଲେ । ପରେ ବାପା ଙ୍କ ପକେଟରୁ ଟଙ୍କା ଚୋରି କରି ବିଡି ଟାଣିଲେ । ପରେ ଅନୁତାପ କରି ଏକ ଚିଠିରେ ଦୋଷ ସ୍ୱୀକାର କରି ବାପା ଙ୍କ ହାତରେ ଦେଲେ । ବାପା ପଢି ଦିଇ ଟୋପା ଲୁହ ଗଡେଇ ଟିକେ ହସି ଦେଲେ । କିଛି କହିଲେ ନାହିଁ । ଦୋଷ ମାନିବା ପାଇଁ ସାହାସ ଦରକାରା । ଥରେ ସାଙ୍ଗ ମାନଙ୍କ ସହ ମିଶି ଗାନ୍ଧି ସ୍ଥିର କଲେ ଆତ୍ମହତ୍ୟା କରିବେ । ମାତ୍ର ସାହାସ ହେଲାନି । େରି ଆସିଲେ । ଆଉ ଥରେ କୁସଙ୍ଗ ସହ ବେଶ୍ୟାଳୟ କୁ ଗଲେ । ମାତ୍ର ତା ପାଖରେ ନୀରବ ରହି ଠିଆ ହେଲେ । ବେଶ୍ୟା ତାଙ୍କୁ ଗାଳି ଦେଇ ବାହାର କରିଦେଲା । ଜୀବନରେ ଏ ଭୂଲ ନକରିବା ପାଇଁ ଗାନ୍ଧି ପ୍ରତିଜ୍ଞା କଲେ । । ଏସବୁ ସଙ୍କଟ ସବୁ ପିଲାଙ୍କ ଜୀବନରେ ଆସେ । ସମସ୍ତେ ଏହିଭଳି ଭୂଲ କରନ୍ତି । ପାପକଲି ବୋଲି ମନସ୍ତାପରେ ଘାରି ହୁଅନ୍ତି । ଠିକ ସମୟରେ ଅବାଟରୁ ଫେରି ଆସିବା, ନିଜ ଦୋଷକୁ ମାନିନବା ମହତ ଗୁଣ ।ଏଥିରେ ଲାଜ କି ଦଃଖର କଥା ନାହିଁ । ଗାନ୍ଧି ନିଜ ଦୋଷ ଦୁର୍ବଳତା ନିଜ ଆତ୍ମଜୀବନୀ ପ୍ରକାଶ କରିଛନ୍ତି ।ଏପରିକି ବିବାହ ପରେ ନିଜ ସ୍ତ୍ରୀ ଙ୍କ ସହ ଅତ୍ୟଧିକ ଆସକ୍ତି ସ୍ୱୀକାର କରିଛନ୍ତି । ନିଜ ପିତା ମଲାବେଳେ ସେ ବାପା ଙ୍କ ପାଖ ଛାଡି ସ୍ତ୍ରୀ ଙ୍କ ପାଖକୁ ଚାଲି ଆସିଲେ ଓ ସେହି ସମୟରେ ପିତା ଙ୍କ ପ୍ରାଣବାୟୁ ଚାଲିଗଲା ।ଏଥିପାଇଁ ସେ ନିଜକୁ ସାରା ଜୀବନ ଦୋଷୀ ବୋଲି ଭାବିଛନ୍ତି ।

ଗାନ୍ଧିଙ୍କ ଜୀବନରେ ଯାହା ଘଟିଲା,ସମସ୍ତ ଙ୍କ ଜୀବନରେ ସେହି ସଙ୍କଟ ଆସିବ । ନିଜର ଦୋଷ ସ୍ୱୀକାର କରି ନିଜକୁ ସଜାଡି ପାରିଲେ ଭବିଷ୍ୟତରେ ସମସ୍ତେ ସ'ଳ ବ୍ୟକ୍ତି ରେ ପରିଣତ ହୋଇ ପାରିବେ । ଦୋଷକୁ ଘୋଡାଇଲେ ଅଷ୍ଠିନିଆଁ ଭଳି ତାହା ଭିତରେ ଭିତରେ ଜାଳି ଚାଲିବ ଓ ଶେଷକୁ ଅବସ୍ଥା ଅସମ୍ଭାଳ ହୋଇପଡିବ ।

ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ,
ନବରଙ୍ଗପୁର
ମୋ: ୯୪୩୭୨୩୫୩୮୬

# ସାବିତ୍ରୀ ବ୍ରତ

ବ୍ରତ ଓଷା ମଧ୍ୟରେ ବହୁତ ତଫାତ ଅଛି। ସୁଦଶା ବ୍ରତ, ସାବିତ୍ରୀ ବ୍ରତ ଏ ନାରୀ ମାନଙ୍କର ଏକ ଏକ ପାଳନୀୟ ବ୍ରତ। ବୁଧେଇ ଓଷା, ବଡ଼ଓଷା ଏପରି ଓଷା ଅନେକ ଅଛି। ସାବିତ୍ରୀ ବ୍ରତ କହିଲେ ଲୋକେ ଲୌକିକ ଆଚାରରେ ପୁରାଣର ଆଖ୍ୟାନ ସତ୍ୟବାନ-ସାବିତ୍ରୀଟିକୁ ବୁଝାଉଛନ୍ତି। ପ୍ରକୃତରେ ସାବିତ୍ରୀ ନାମଟି ଅଶ୍ୱପତି ରାଜାଙ୍କ କନ୍ୟା କଥା ମନେ ପକାଏ। ଅଶ୍ୱପତିଙ୍କର ସନ୍ତାନ ନାହିଁ ତାଙ୍କୁ ଜଣେ ଗୁରୁପର୍ଯ୍ୟାୟ ବ୍ୟକ୍ତି ସାବିତ୍ରୀ ବ୍ରତ କରିବାକୁ କହିଥିଲେ ଏ ସ୍ଥାନରେ ସାବିତ୍ରୀ ହେଉଛନ୍ତି ବ୍ରହ୍ମାଙ୍କର ପତ୍ନୀ। ମହାସିଦ୍ଧି ମହାସତୀ ପୁଷ୍କରରେ ବ୍ରହ୍ମାଙ୍କର ମୁହୂର୍ତ୍ତ ଦେଖା ହୋଇ ଯଜ୍ଞ କରାଯାଉଥିଲା। ଏ ଯଜ୍ଞ ଅନେକ ବର୍ଷପରେ ଏପରି ଯୋଗରେ ଆସୁଥିଲା ଯହିଁରେ ଯଜ୍ଞ ଦ୍ୱାରା ଶାନ୍ତି ହୋଇପାରିବ ଧର୍ମପତ୍ନୀ ନରହିଲେ ଯଜ୍ଞ ପୂଜା ଦାନ କେବେ ସଫଳ ହୁଏନାହିଁ। ଏଥିରେ କର୍ତ୍ତା ବ୍ରହ୍ମା ଥିଲେ ଯଜ୍ଞ ଭୂମିରୁ ବ୍ରହ୍ମଲୋକ ଅନେକ ଦୂର କର୍ତ୍ତାଙ୍କୁ ନ ଆଣିଲେ ଯଜ୍ଞ ହେବ କିପରି ସଂକଳ୍ପ ହେବ କିପରି ? ଏ ପାଇଁ ମୁହୁର୍ତ୍ତ ଦେଖୁଥିବା ପଣ୍ଡିତମାନେ ବ୍ରହ୍ମାଙ୍କୁ ଧର୍ମପତ୍ନୀ ଡକାଇବାକୁ କହିଲେ ଦୃତି ଯାନରେ ପକ୍ଷୀରାଜ ଗରୁଡ଼ରେ ବିଷ୍ଣୁ ସାବିତ୍ରୀଙ୍କୁ ଆଣିବାକୁ ବାର୍ତ୍ତା ପଠାଇଲେ ଦେବୀ ମାଆ ସାବିତ୍ରୀ କହିଲେ ହଁ ମୁଁ ଯାଉଛି ବିଷ୍ଣୁ ତୁମେ ଲକ୍ଷ୍ମୀ ପାର୍ବତୀଙ୍କୁ ଆଣିବାଙ୍କୁ ତୁରନ୍ତ ବାର୍ତ୍ତା ଦେଇ ଆଣ। ପୂଜାରେ ସଧବାମାନେ ଉପସ୍ଥିତ ନରହିଲେ କେମିତି ଆରମ୍ଭ ବିନା ହୁଳହୁଳିରେ ପୂଜା ଆରମ୍ଭ ହେବ। ଏଣେ ମୁହୂର୍ତ୍ତକୁ ସମୟ ମାଡ଼ି ଆସୁଛି ତ୍ରିବେଦୀ ଆସି ପାରିନାହାଁନ୍ତି। ବ୍ରାହ୍ମଣ ମାନଙ୍କର ଚାପରେ ବ୍ରହ୍ମା ବିବ୍ରତ ହୋଇ ଏକ କନ୍ୟା ଦଧିଦୁଗ୍ଧ ପସରା ନେଇ ଯାଉଥିଲେ ତାଙ୍କୁ ଧରିଆଣି ବ୍ରହ୍ମ ବିବାହ ପଦ୍ଧତିରେ ବିବାହ ଶେଷ କରି ଯଜ୍ଞ କାର୍ଯ୍ୟ ଆରମ୍ଭ କରାଗଲା। ଦେବୀ ମାଆ ସାବିତ୍ରୀ ଆସି ପରିସ୍ଥିତି ବୁଝି ଦୁଃଖ କ୍ରୋଧରେ ଭାଙ୍ଗି ପଡ଼ିଲେ। ଶେଷରେ ସମସ୍ତଙ୍କୁ ଅଭିଶାପ ଦେଇ ଅନତ୍ୟ ଚାଲିଗଲେ। ପୁଷ୍କର ହ୍ରଦରୁ କ୍ଷଣିକ ଦୂରବର ଥିବା ଏକ ପାହାଡ଼ ଉପରେ ବସି ଦେବୀ ମାଆ ଧ୍ୟାନରତା ହେଲେ। ସାବିତ୍ରୀ ଏକ ସ୍ୱାମୀ ବ୍ରତରେ ଜୀବନ କାଟିବା ସଂକଳ୍ପ କରିଥିଲେ ଅଥଚ ତାଙ୍କ ସ୍ୱାମୀ ବ୍ରହ୍ମା ବ୍ରହ୍ମାଣ୍ଡର ମହାନାୟକ ହୋଇ ଭୁଲ କାମ କରି ଆଉ ଥରେ ପତ୍ନୀ ଗ୍ରହଣ କରି କାର୍ଯ୍ୟ ଚଳାଇବା ଦେଖାଗଲା। ପାଇଁ ସେହି ସାବିତ୍ରୀ ମାଆଙ୍କର ଆଦର୍ଶ ପାଇଁ ଏହି ସାବିତ୍ରୀ ବ୍ରତ କରାଯାଉଛି। ସାବିତ୍ରୀ ଗାୟତ୍ରୀ ବ୍ରହ୍ମାଙ୍କର ଦ୍ୱିତୀୟ ପତ୍ନୀ ଉପନୟନରେ ବିପ୍ର ବାଳକକୁ ସାବିତ୍ରୀ ମନ୍ତ୍ର ହିଁ ଦିଆଯାଏ। ଅଶ୍ୱପତିଙ୍କର ଧର୍ମପତ୍ନୀ ଏଇ ସାବିତ୍ରୀଙ୍କୁ ପୂଜା କରି କନ୍ୟା ରତ୍ନ ଜନ୍ମ ଦେଇଥିଲେ। ଯେ ଥିଲେ ପରମା ବିଦୁଷୀ ଚିକିତ୍ସା ଶାସ୍ତ୍ରରେ ଏକ ସଂହିତା ଅଛି ତାର ନାମ ସାବିତ୍ରୀ ସଂହିତା ଏଥିରେ ଚକ୍ଷୁରୋଗ ପ୍ରଶମନ ଓ ପରଳ ରୋଗ ନିବାରଣ ବିଦ୍ୟା ଅଛି। ସାବିତ୍ରୀ ଜନ୍ମ ଦିନ ଜ୍ୟେଷ୍ଠ କୃଷ୍ଣ ଅମାବାସ୍ୟା ଯାହା ବୃଷ ରାଶିରେ ଆସେ। ୧୨ଟି ଅମାବାସ୍ୟା ମଧ୍ୟରେ ଏ ଅମାବାସ୍ୟା ଅନ୍ୟତମ ଏହି ରାଶିରେ ରବିଚନ୍ଦ୍ର ଯୋଡ଼ି ବେଳେ ଏ ପର୍ବ ପାଳନ କରାଯାଏ। ଏକ ସ୍ୱାମୀ ବ୍ରତ ପାଇଁ ଏହି ବ୍ରତ କରାଯାଏ କାୟମନ ବାକ୍ୟରେ ଅଗ୍ନୀ ସାକ୍ଷୀ ବରକୁ ହିଁ ଶେଷ ଜୀବନ ପର୍ଯ୍ୟନ୍ତ ସାଥି ହୋଇ ରହିବା ବ୍ରତରେ ମୂଳଉସ୍ତ। ଓଷା ପାଇଁ ଭୋଜନ ଆଶା ନକରି ଶୁଦ୍ଧ ଭାବରେ ବ୍ରତଟି ପାଳନ କରି ସ୍ୱାମୀଙ୍କୁ ତୋଷ କରି ପ୍ରତିବର୍ଷ ବିବାହ ଦିନ ମନାଇବା ପରି ପାଳନ କଲେ ଉଭୟଙ୍କର ମଙ୍ଗଳ ଅବଶ୍ୟ ହୋଇପାରେ। ମହାଯୋଗୀ ଅରବିନ୍ଦ ଏକ ଯୁଗାନ୍ତକାରୀ ଦର୍ଶନବିଦ୍ୟାରେ ଭରପୁରରେ ଶାସ୍ତ୍ରଟି ଲେଖିଛନ୍ତି ତାର ନାମ ସାବିତ୍ରୀ। ଜଟିଳ ଦେବତତ୍ତ୍ୱକୁ ସରଳୀକରଣ ପାଇଁ ଅନେକ ଲୌକିକ ଧାରା ଲୋକଚାରରେ ପ୍ରଚାର କରାଯାଇଛି ମୂଳ ଶାସ୍ତ୍ରକୁ ଅଣଦେଖା ନକରି ବ୍ରତର ଉଦ୍ଦେଶ୍ୟ ବୁଝନ୍ତୁ।

*'ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*




# ଚାଷୀ କଥା, ଚାଷର ଗାଥା

ସମସ୍ତେ ଅନେକ କଥା ଦେଖନ୍ତି , ଅନେକ କଥା ଶିଖନ୍ତି । କିନ୍ତୁ ସେସବୁକୁ ଦୈନନ୍ଦିନ ଜୀବନରେ ଉପଯୋଗ କରିବାର ଦୃଷ୍ଟାନ୍ତ ବହୁତ କମ୍ । ଚାଷ ବିଷୟରେ କାହାକୁ ବା ଅଜଣା । ସମସ୍ତେ ଚାଷ କଣ , ଚାଷ କେମିତି ହୁଏ ଜାଣିଛନ୍ତି । କିନ୍ତୁ କେହି କେବେ ସେ କାମ କରିବାକୁ ଆଗ୍ରହ ପ୍ରକାଶ କରନ୍ତିନି । ନିଜକୁ ସତ କହିଲେ ହେଲା ଏସି ରୁମ୍ ଚୟାର ଟେବୁଲ ଛାଡ଼ି ଏ ବିଲ ବାଡ଼ି କାମ କିଏ ବା କରିବ । ସକାଳ ୧୦ଟା ବାଜିଲେ ଅଫିସ ଯାଅ ଆଉ ସଂଧ୍ୟା ହେଲେ ପାର୍କ ଆଉ ସିନେମା । ଏ କାଦୁଅ ବିଲକୁ ଆମେ ବା କାହିଁ ଯିବୁ । ଯିଏ ତ କରିବା କଥା କରୁଛି , ଆମେ ବଜାର ଯିବୁ , କିଣିବୁ ଖାଇବୁ । ଏ ହେଉଛି ଏବେକାର ସମାଜର ଜ୍ୱଳନ୍ତ ପ୍ରତିଛବି । ଆମେ ନ ମାନିଲେ ବି ଏହା ସତ୍ୟ । ଏଇ କିଛି ଦିନ ତଳେ କୃଷି କନକ୍ଲେଭର ଆୟୋଜନ କରିବା ସମୟରେ ଏ ଚାଷୀ ଭାଇ ମାନଙ୍କ ସହ ଆହୁରି ନିକଟତର ହେବାର ସୁଯୋଗ ମିଳିଥିଲା । ଏ ସମ୍ପର୍କରେ ପର ସ୍ତମ୍ଭରେ ବିସ୍ତୃତ ଭାବରେ ବର୍ଣ୍ଣନା କରିବି । ତେବେ ଶ୍ୟାମଳ ସୁବର୍ଣ୍ଣ ୨୦୧୮ ମସିହାରେ ଯେବେ ଆରମ୍ଭ କରିବାର ଚେଷ୍ଟା କରିଥିଲି ସେବେ ଚାଷ କଣ ଜାଣିନଥିଲି, କେବଳ କ୍ଲାସରୁମର ଶିକ୍ଷା ଭିତରେ ସୀମିତ ଥିଲି । ନା କୌଣସି ଚାଷୀଙ୍କ ସହ ମିଶିଥିଲି ନା ସେ ଚାଷର ଗହନ କଥାକୁ ବୁଝିଥିଲି । ପରବର୍ତ୍ତୀ ସମୟରେ ଅନେକ ଗାଁକୁ ଗଲି, ଚାଷୀଙ୍କ ସହ ମିଳିଲି । ସେମାନଙ୍କ ସହ କ୍ଷେତରେ ସମୟ ବି କାଟିଲି । ସେବେ ଜାଣିଲି ଏ କୁଶଳୀ କାରିଗର ମାନଙ୍କ ମହାନୀୟତା ବିଷୟରେ । ପତ୍ରିକାରେ ସବୁ ସଂଖ୍ୟାରେ ସେଥିପାଇଁ କେବଳ କୃଷି ଭିତ୍ତିକ ତଥ୍ୟକୁ ସ୍ଥାନ ଦେବାକୁ ଚେଷ୍ଟା କରିଛି । ତେବେ ଏ ଭିତରେ ଚାଷୀଙ୍କ ସହ ମିଶି ସେମାନଙ୍କ ଚାଷ ପ୍ରତି ଆଗ୍ରହ ହେଉ କିମ୍ବା ସେମାନଙ୍କ କାର୍ଯ୍ୟଦକ୍ଷତା ଓ ନିପୁଣତା ବିଷୟରେ ଅନେକ କିଛି ଜାଣିବାକୁ ପାଇଲି । ଚାଷୀ ଥକ୍କା କ'ଣ ଜାଣନି । କାହକ ନା ଯଦି ସେ ବସିପଡ଼ିବ , ଥକିପଡ଼ିବ ତାହେଲେ ଦି ଓଳି ଦାନା ଦି ମୁଠା ପେଟକୁ ଯିବା ସ୍ୱପ୍ନ ହୋଇଯିବ । ସେ ଛୁଟି କଣ ଜାଣିନି । ସେ ଥକ୍କାପଣ କଣ ଜାଣିନି । ସେ ଜାଣିନି ମଉଜମଜିଲିସର ମହକ । କେବଳ ଏତିକି ଜାଣିଛି ସେ ଚଷା ଘରପୁଅ । ଖଟିଲେ ଖାଇବ । ଚାଷ କଲେ ଦୁନିଆ ଚଳିବ । ସବୁଲୋକଙ୍କ ମୁହଁରେ ଖାଦ୍ୟ ଦେବା ପାଇଁ ସେ ଅବିରତ ସଂଗ୍ରାମ କରିଚାଲେ । ସଂଘର୍ଷକୁ ଆଦରି ବେଶ ଖୁସିରେ ନିଜ କର୍ମ ସମ୍ପାଦନ କରେ । ସେଇଥିପାଇଁ ତ ସେ ମହାନ । ୧୯୯୯ର ମହାବାତ୍ୟା ହେଉ , ହୁଡ଼ହୁଡ଼, ତିତଲି , ଫନି ପରି ବାତ୍ୟାର ବିଭୀଷିକା ହେଉ କି ଚକଡ଼ା ପୋକର ବିତ୍ପାତ ହେଉ , ଏସବୁଥିରେ


ଡ଼ି ଶୁଭମ୍

ବେଶ ସୁଦୃଢ଼ ମନୋବଳ ସହ ଚାଷୀ ଏହାକୁ ସାମ୍ନା କରିଛି , ମୁକାବିଲା ବି କରିଛି ଆଉ ଅଣ୍ଟା ସଳଖି ଠିଆ ହେଇଛି । ଯେଉଁ ବାତ୍ୟା ଦିନେ ଚାଷ ଜମିକୁ ବିପର୍ଯ୍ୟସ୍ତ କରିଥିଲା , ପୁଣି ସେ କ୍ଷେତରେ ଫରଫର ହେଇ ଧାନ କେଣ୍ଡା ହସିଛି , ପୁଣି ସୋରିଷର ମହମହ ବାସ୍ନା ସାଙ୍ଗକୁ ହଳଦୀର ଆବରଣରେ ପରିବେଶ ବି ମୁଗ୍ଧ ହୋଇଛି । କିନ୍ତୁ ଚାଷୀ କେବେ ବସିନି । ଚାଷୀ ମନଦୁଃଖ କରିଛି , ଅନୁତାପ କରିଛି କିନ୍ତୁ ନିଜ କର୍ତ୍ତବ୍ୟ ପଥରୁ ବିଚ୍ୟୁତ ହୋଇନାହିଁ । ସେ ସୃଷ୍ଟି କରିଛି ଆଦର୍ଶ ଓ ବାସ୍ତବତାର ନୂଆ ଏକ ରୂପରେଖ । ସେ କାଦୁଅ ବିଲରେ ପଶେ କିନ୍ତୁ ଶେଷରେ ସୁବର୍ଣ୍ଣର ମାହୋଲ ବି ରଚନା କରିଦିଏ ।

ଆଉ ଏଇ କରୋନାର ଭୟାବହତା ଆଉ ଡ଼ର ଭିତରେ ସମସ୍ତେ ଆମେ ଘରେ ସୁରକ୍ଷିତ ରହୁଛନ୍ତି ସତ କିନ୍ତୁ ଚାଷୀର ମନ ସେଇ ଚାଷ ଜମିରେ । ସେ ଜମି ତାର ତାର ମାନସ ସନ୍ତାନ । ବିର୍ଦ୍ଦେ ଦୁଃଖକୁ ଛାଡ଼ି କେମିତି ବି ରହିବେ । ବର୍ଷ ବର୍ଷ ଧରି ଏଇ ଅତୁଟ ସମ୍ପର୍କକୁ ଯିଏ ବଞ୍ଚେଇ ରଖିପାରିନି , ଏ ଭୟାବହତା କଣ ବା କରିବ । ଆଜି ବି ଚାଷୀ ଚାଷ ଜମିରେ ବେଶ ଖୁସିରେ ଚାଷ କରୁଛି । ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରୁଛି । ଧାନ ଓଡ଼ିଶାର ମୁଖ୍ୟ ଫସଲ । ଓଡ଼ିଶାର ଅର୍ଦ୍ଧେକାଂଶ ଚାଷୀ ଧାନ ଉପରେ ନିର୍ଭରଶୀଳ । ଏବେ ଖରିଫ ଋତୁରେ ଧାନ ଚାଷ ହେବ । ବହିନ ବୁଣା ଆରମ୍ଭ ହେବ । ତଳି ପଡ଼ିବ । ରୁଆ ହେବ । ଏମିତି ଅନେକ କିଛି କଥା ।। ଏଇ କିଛିଦିନ ତଳେ ସମସ୍ତେ ମାତୃ ଦିବସ ପାଳନ କଲେ, ମାର ଅବଦାନକୁ ସ୍ମରଣ କରିବା ପାଇଁ ଏଇ ଦିନଟିକୁ ସମସ୍ତେ ବେଶ ଖୁସିରେ ମନେଇଲେ । ସୋସିଆଲ ମଡ଼ିଆରେ ମା'ଙ୍କ ପାଇଁ ବେଶ ଶିକ୍ଷଣୀୟ ବାର୍ତ୍ତା ବି ଦେଖିବାକୁ ମିଳିଲା । ଏଇସବୁ ଭିତରେ ମୁଁ ସେମିତି ଜଣେ ଚାଷୀଙ୍କୁ ଭେଟିଥିଲି ଯିଏ ନିଜ ମା'ଙ୍କ ଆଦର୍ଶକୁ ଗ୍ରହଣ କରି ଚାଷ କରିବାକୁ ଆଗ୍ରହ ପ୍ରକାଶ କଲେ । ସବୁଥିରେ ପାରଙ୍ଗମ । ସୁନ୍ଦରଗଡ଼ ଜିଲ୍ଲାର ସୁକାନ୍ତି ଭିତିରିଆ । ମା'ଙ୍କ ଉପରେ ମୁଁ ତାଙ୍କୁ କିଛି ପ୍ରଶ୍ନ କରିବା ପୂର୍ବରୁ ସେ ବେଶ ଚମତ୍କାର ଭାବରେ ପ୍ରଥମ ଧାଡ଼ି କହିଗଲେ - ମୋ ମା' ମୋ ପାଇଁ ସବୁକିଛି । ଆଜି ମୁଁ ଯାହା ବି ହେଉଛି ସବୁ ମୋ ମା' ପାଇଁ । ଜଣେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ହୋଇ ଘରେ ସୃଷ୍ଟି କରିଛନ୍ତି ପାକଶାଳା ବଗିଚାର ମାହୋଲ । ପାକଶାଳା ବଗିଚା ଏବେ ଏକ ଲୋକପ୍ରିୟ ସହରାଂଚଳ କୃଷିର ଉଦାହରଣ । ସେତେବେଳେ କଥାଛଳରେ ସେ ବଖାଣିବସିଲେ ପରିବାରର କଥା । ଆଉ ମୁଁ ବୁଝି ପାରିଲି ଜଣେ କେବଳ ଚାଷ ଶିଖିଲେ ଯେ ଚାଷ କରିପାରିବ , ସେ କଥା ନୁହେଁ । ଚାଷ ପାଇଁ ଦରକାର ଦୃଢ଼ ମନୋବଳ ଆଉ କଠିନ ଇଚ୍ଛାଶକ୍ତି । ଯାହା ତାଙ୍କ ମା' ହିଁ ଆରମ୍ଭ କରିଥିଲେ । ଆଉ ଆଜି ତାଙ୍କ ମା'ଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବି ସୃଷ୍ଟି କରିଛନ୍ତି ଉଦ୍ୟାନ କୃଷିର ବେଶ କିଛି ନୂଆ ଢ଼ାଂଚା । ସେଇଠାରୁ ବୁଝିଗଲି ଚାଷୀର ସଂଜ୍ଞା ପାଇବା ସତରେ ବଡ଼ କଷ୍ଟ । ଆମେ ତିନି ଚାରି ଘଣ୍ଟା କ୍ଷେତକୁ ଗଲେ ହାତ ଦରଜ ହୋଇ ଦୁଇ ଦିନ ଆରାମ କରୁଥିବା ବେଳେ ସେ ଦିନରୁ ରାତିଯାଏଁ ବେଶ ଆନନ୍ଦରେ ନିଜ କାମକୁ ଉପଭୋଗ କରେ । ସତେ ଯେମିତି ଏ ମାଟିର ସବୁ କଣିକାକୁ ସେ ବେଶ ଭଲ ଭାବରେ ଚିହ୍ନିଯାଇଛି ।

*ବାସୁଦେବପୁର , ଭଦ୍ରକ*
*ମୋ- ୯୪୩୮୪୬୭୦୭୯*

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଣ୍ଟକୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଣ୍ଟକୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଣ୍ଟକୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷର କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତ୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ । ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ । ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି । ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ । ବର୍ତ୍ତମାନ ସମୟରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ । ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ । ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫରମାନ ଘୋଷଣା କରିଛି । ଏହି ଅଫରଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି । ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସମେନଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାଣ୍ଟିନ୍ ଷ୍ଟୋରଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି । ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର ମଧ୍ୟ ଘୋଷଣା କରାଯାଇଛି । ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି । ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି । ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି । ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି । ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ । ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି ।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଲହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଲହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍‌ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଲହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍‌ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍‌ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଧିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍‌ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍‌ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତ୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଲହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଧିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଲହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଲହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହଞ୍ଚିଛି । ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି । ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି । ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କଣ୍ଟିପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାଡୋରୁ ୨ଜଣ,ଗଁପୁରରୁ ଜଣେ , ଗୋହିରାରୁ ଜଣେ,ଖାଳିଆମେଣ୍ଟାରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢ଼େଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢ଼େଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ , କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ, ୧୨ନଂ ୱାର୍ଡରୁ ଜଣେ, ୧୩ନଂ ୱାର୍ଡରୁ ୨ଜଣ, ୧୭ନଂ ୱାର୍ଡରୁ ଜଣେ, ୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୂଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି ।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି । ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ । ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା । ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା । ଉତ୍ପତି ସମୟରୁ ବ୍ରାଣ୍ଡ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା । ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା । ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି । ଭିଟାରା ବ୍ରିଜାର ଏକ ନିର୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି । ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ । ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି । ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି । ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା । ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି । ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି ।''

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି । ନୂତନ ଲିଜ୍ ପାଇଥିବା କାସ୍‌ଭି ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା । ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକର୍ତ୍ତା ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି । ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପକ୍ଷ ବୁଝାମଣାରେ ନିଷ୍ପତି ନିଆଯିବ ।

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରିକ ଅଫର ଓ ସୁବିଧା ଘୋଷଣା କରାଯାଇଛି । ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ରଙ୍ଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ । ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି । ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି । ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଔକ୍ତଙ୍କକ୍ଟଃ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର । ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ । ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି । ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଇବାକୁ ଆଶା ରଖିଛୁ । ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି ।

# ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ, କୃଷି, ଜୀବନ ଜୀବିକା, ରାସ୍ତା, ସ୍ୱାସ୍ଥ୍ୟ ଉପରେ ଫୋକସ୍

ଭଦ୍ରକ, (ପି.ଏନ): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ଭଦ୍ରକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ କୁମାର ସାମଲଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲାପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନା, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ଜିଲ୍ଲା ଯୋଜନା ଓ ପରିଚାଳନା ୟୁନିଟ୍‌ର ଯୁଗ୍ମ ନିର୍ଦ୍ଦେଶକ ମହେଶ ସ୍ୱାଇଁ, ସି.ଡ଼ି.ଏମ୍.ଓ. ଡା. ସନ୍ତୋଷ କୁମାର ପାତ୍ର, ବନ୍ତ ପ ାୟତ ସମିତିର ଅଧକ୍ଷ ମନୋରଞ୍ଜନ ଘଡ଼େଇ, ଏପିଡ଼ି ଏମ୍.ଆଇ.ଏସ୍. ପ୍ରହ୍ଲାଦ ରଣା ପ୍ରମୁଖ ଯୋଗ ଦେଇଥିଲେ । ବ୍ଲକ୍ ସର୍କୁଲାର-୪୭ ର କାର୍ଯ୍ୟାନ୍ୱୟନ ନେଇ ଜନପ୍ରତିନିଧି ମାନଙ୍କ ପ୍ରତି ପ୍ରଶାସନିକ ଅଧିକାରୀମାନଙ୍କ ଉ ର ଦାୟୀତ୍ୱ ସମ୍ବନ୍ଧରେ ସଚେତନତା ମୂଳକ ଆଲୋଚନାରୁ ସଭାପତିଙ୍କ ଦ୍ୱାରା ଏହି ବୈଠକରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ୧୯ଟି ବିଭାଗ ଦ୍ୱାରା ଉକ୍ତ ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକାରୀ ବିଭିନ୍ନ ଯୋଜନା, ପ୍ରଗତି, ସଫଳତା ଓ ସମସ୍ୟା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । କୃଷି, ଉଦ୍ୟାନକୃଷି, ପ୍ରାଣୀସମ୍ପଦ, ଜଙ୍ଗଲ ଓ ପରିବେଶ, ଜଳସେଚନ, ରାସ୍ତାଘାଟ, ଡ୍ରେନ, ମିଶନ୍ ଶକ୍ତି, ରେସନ୍ କାର୍ଡ଼, ଭ ।, ପାନୀୟଜଳ ଯୋଗାଣ, ଶିକ୍ଷ ଆଦି ସମ୍ବନ୍ଧରେ ସମୀକ୍ଷା କରାଯାଇ ଆବଶ୍ୟକ ମତେ ବିଧାୟକ ଓ ଜିଲ୍ଲାପାଳଙ୍କ ଦ୍ୱାରା ସଂପୃକ୍ତ ଅଧିକାରୀ ମାନଙ୍କୁ ପରାମର୍ଶ ଓ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ନିକଟ ଅତୀତରେ ବନ୍ତ ବ୍ଲକ୍‌ର ରାଜସ୍ୱ ଗ୍ରାମ ଆପଣ୍ଡା ଓ କେଉଁଝର ର ଓରାଳି ମଧ୍ୟରେ ସୀମାବିବାଦକୁ ନେଇ ଘଟିଥିବା ଘଟଣା ସମ୍ବନ୍ଧରେ ଆଲୋଚନା କରାଯାଇ ଆପଣ୍ଡାରେ ପୋଲିସ୍ ବିଭାଗ ତରଫରୁ ଗୋଟିଏ ଆଉଟ୍‌ପୋଷ୍ଟ ବା ଅତିକମ୍‌ରେ ଗୋଟିଏ ବିଟ୍ ହାଉସ ପାଇଁ ପ୍ରସ୍ତାବ ଦିଆଯାଇଥିଲା । ଏହି ସୀମା ବିବାଦ ପରିପ୍ରେକ୍ଷୀରେ ମୂଳ ରାଜସ୍ୱ ଗ୍ରାମ ଅଲଉତିରୁ ଗଠିତ ହୋଇଥିବା ନୂଆ ରାଜସ୍ୱ ଗ୍ରାମ ଡ଼ିହସାହି ମଧ୍ୟରେ ଥିବା ସୀମା ବିବାଦକୁ ଆପୋଷ ଆଲୋଚନା ମତେ ସମାଧାନ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ସ୍ମାର୍ଟ ସ୍କୁଲ ବ୍ୟବସ୍ଥା ପ୍ରତି ଆକର୍ଷିତ ହୋଇ ଘରୋଇ ସ୍କୁଲରୁ ପିଲାଙ୍କ ପ୍ରତ୍ୟାବର୍ତ୍ତନ ଓ ଆଗାମୀ ଦିନରେ ସରକାରୀ ସ୍କୁଲରେ ଅଧିକାଂଶ ପିଲାଙ୍କ ଅଧ୍ୟୟନ ସମ୍ଭାବନା ଦେଖାଦେଇଥିବାରୁ ପିଲା ସଂଖ୍ୟା କମ୍ ଯୋଗୁଁ ବନ୍ଦ ହୋଇଯାଇଥିବା ସ୍କୁଲ ଗୁଡ଼ିକୁ ପୁନଃ ଖୋଲିବା ପାଇଁ ପ୍ରସ୍ତାବ ଦେବାକୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଉକ୍ତ ନିର୍ବାଚନ ମଣ୍ଡଳୀର ୭ଟି ସ୍କୁଲ ପୁନଃ ଖୋଲାଯିବା ପାଇଁ ପ୍ରସ୍ତାବ ପ୍ରଦାନ କରାଯାଇଥିବା ସେ ପ୍ରକାଶ କରିଥିଲେ । ଜଣିକିଆ ଶିକ୍ଷକଥିବା ସ୍କୁଲ ପ୍ରତି ଧ୍ୟାନ ଦିଆଯାଇ ଅତିକମ୍‌ରେ ୨ ଜଣ ଶିକ୍ଷକ ଦିଆଯାଉ ବୋଲି ଆଲୋଚନା କରାଯାଇଥିଲା । ବନ୍ତ ଡାକ୍ତରଖାନାକୁ ତୁରନ୍ତ ଡାକ୍ତର ପ୍ରେରଣ ପାଇଁ ସି.ଡ଼ି.ଏମ୍ ଓଙ୍କୁ କୁହାଯାଇଥିଲା । କୃଷକ ମାନଙ୍କ ଆୟ ଦୁଇଗଣ କରାଯିବା ଆଭିମୁଖ୍ୟ ପୂରଣ ପାଇଁ ଅଣଧାନ କୃଷି ଯୋଜନାରେ ମୁଗ, ସୂର୍ଯ୍ୟମୁଖୀ ଓ ସମନ୍ୱିତ କୃଷି ସମ୍ବନ୍ଧରେ ନିଆଯାଇଥିବା ପଦକ୍ଷେପ ସମ୍ବନ୍ଧରେ ବୈଠକରେ ତଥ୍ୟ ଉପସ୍ଥାପନ କରାଯାଇଥିଲା । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ମଧ ପ୍ରଚଳିତ ବିଭିନ୍ନ ଯୋଜନା ଜରିଆରେ କିପରି ଚାଷୀମାନଙ୍କର ରୋଜଗାର ବଢ଼ାଇବା ଦିଗରେ ପଦକ୍ଷେପ ନିଆଯାଇଛି ପ୍ରକାଶ କରାଯାଇଥିଲା । ଡ୍ରେନ ଉପରେ ଜବରଦଖଲ ଓ ନିର୍ମାଣ ଜନିତ ଅବରୋଧକୁ ଉଚ୍ଛେଦ କରାଯିବା ସହିତ ସରମରା, କାଦବରାଙ୍ଗ, ବସନ୍ତିଆ ଭଳି ଜାଗାରେ ରାସ୍ତାରେ ବର୍ଷାଦିନେ ଜମୁଥିବା ପାଣି ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ ବିଷୟରେ ଆଲୋଚନା କରାଯାଇଥିଲା । ୨୦୨୩ ସୁଦ୍ଧା ସହରା ଳ ଓ ୨୦୨୪ ସୁଦ୍ଧା ଗ୍ରାମା ଳରେ ପ୍ରତି ଘରେ ପାଇପପାଣି ପହ ।ଇବା ନେଇ ସରକାରଙ୍କ ଲକ୍ଷ୍ୟ ପୂରଣ ଦିଗରେ ଏହି ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକାରୀତା ସମ୍ବନ୍ଧରେ ସମୀକ୍ଷା କରାଯାଇଥିଲା ।




## ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ, କୃଷି, ଜୀବନ ଜୀବିକା, ରାସ୍ତା, ସ୍ୱାସ୍ଥ୍ୟ ଉପରେ ଫୋକସ୍

ଭଦ୍ରକ, (ପି.ଏନ):ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ଭଦ୍ରକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲାପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନା, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ଜିଲ୍ଲା ଯୋଜନା ଓ ପରିଚାଳନା ୟୁନିଟ୍‌ର ଯୁଗ୍ମ ନିର୍ଦ୍ଦେଶକ ମହେଶ ସ୍ୱାଇଁ, ସି.ଡ଼ି.ଏମ୍.ଓ. ଡା. ସନ୍ତୋଷ କୁମାର ପାତ୍ର, ବନ୍ତ ପ ାୟତ ସମିତିର ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଏପିଡ଼ି ଏମ୍.ଆଇ.ଏସ୍. ପ୍ରହ୍ଲାଦ ରଣା ପ୍ରମୁଖ ଯୋଗ ଦେଇଥିଲେ । ବ୍ଲକ୍ ସର୍କୁଲାର-୪୭ ର କାର୍ଯ୍ୟାନ୍ୱୟନ ନେଇ ଜନପ୍ରତିନିଧି ମାନଙ୍କ ପ୍ରତି ପ୍ରଶାସନିକ ଅଧିକାରୀମାନଙ୍କ ଉ ର ଦାୟିତ୍ୱ ସମ୍ବନ୍ଧରେ ସଚେତନତା ମୂଳକ ଆଲୋଚନାରୁ ସଭାପତିଙ୍କ ଦ୍ୱାରା ଏହି ବୈଠକରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ୧୯ଟି ବିଭାଗ ଦ୍ୱାରା ଉକ୍ତ ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକାରୀ ବିଭିନ୍ନ ଯୋଜନା, ପ୍ରଗତି, ସଫଳତା ଓ ସମସ୍ୟା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । କୃଷି, ଉଦ୍ୟାନକୃଷି, ପ୍ରାଣୀସମ୍ପଦ, ଜଙ୍ଗଲ ଓ ପରିବେଶ, ଜଳସେଚନ, ରାସ୍ତାଘାଟ, ଡ୍ରେନ, ମିଶନ୍ ଶକ୍ତି, ରେସନ୍ କାର୍ଡ଼, ଭ ା, ପାନୀୟଜଳ ଯୋଗାଣ, ଶିକ୍ଷ ଆଦି ସମ୍ବନ୍ଧରେ ସମୀକ୍ଷା କରାଯାଇ ଆବଶ୍ୟକ ମତେ ବିଧାୟକ ଓ ଜିଲ୍ଲାପାଳଙ୍କ ଦ୍ୱାରା ସଂପୃକ୍ତ ଅଧିକାରୀ ମାନଙ୍କୁ ପରାମର୍ଶ ଓ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ନିକଟ ଅତୀତରେ ବନ୍ତ ବ୍ଲକ୍‌ର ରାଜସ୍ୱ ଗ୍ରାମ ଆପଣ୍ଡା ଓ କେଉଁଝର ର ଓରାଳି ମଧ୍ୟରେ ସୀମାବିବାଦକୁ ନେଇ ଘଟିଥିବା ଘଟଣା ସମ୍ବନ୍ଧରେ ଆଲୋଚନା କରାଯାଇ ଆପଣ୍ଡାରେ ପୋଲିସ୍ ବିଭାଗ ତରଫରୁ ଗୋଟିଏ ଆଉଟ୍‌ପୋଷ୍ଟ ବା ଅତିକମ୍‌ରେ ଗୋଟିଏ ବିଟ୍ ହାଉସ ପାଇଁ ପ୍ରସ୍ତାବ ଦିଆଯାଇଥିଲା । ଏହି ସୀମା ବିବାଦ ପରିପ୍ରେକ୍ଷୀରେ ମୂଳ ରାଜସ୍ୱ ଗ୍ରାମ ଅଲଉତିରୁ ଗଠିତ ହୋଇଥିବା ନୂଆ ରାଜସ୍ୱ ଗ୍ରାମ ଡ଼ିହସାହି ମଧ୍ୟରେ ଥିବା ସୀମା ବିବାଦକୁ ଆପୋଷ ଆଲୋଚନା ମତେ ସମାଧାନ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ସ୍ମାର୍ଟ ସ୍କୁଲ ବ୍ୟବସ୍ଥା ପ୍ରତି ଆକର୍ଷିତ ହୋଇ ଘରୋଇ ସ୍କୁଲରୁ ପିଲାଙ୍କ ପ୍ରତ୍ୟାବର୍ ନ ଓ ଆଗାମୀ ଦିନରେ ସରକାରୀ ସ୍କୁଲରେ ଅଧିକାଂଶ ପିଲାଙ୍କ ଅଧ୍ୟୟନ ସମ୍ଭାବନା ଦେଖାଦେଇଥିବାରୁ ପିଲା ସଂଖ୍ୟା କମ୍ ଯୋଗୁଁ ବନ୍ଦ ହୋଇଯାଇଥିବା ସ୍କୁଲ ଗୁଡ଼ିକୁ ପୁନଃ ଖୋଲିବା ପାଇଁ ପ୍ରସ୍ତାବ ଦେବାକୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଉକ୍ତ ନିର୍ବାଚନ ମଣ୍ଡଳୀର ୭ଟି ସ୍କୁଲ ପୁନଃ ଖୋଲାଯିବା ପାଇଁ ପ୍ରସ୍ତାବ ପ୍ରଦାନ କରାଯାଇଥିବା ସେ ପ୍ରକାଶ କରିଥିଲେ । ଜଣିକିଆ ଶିକ୍ଷକଥିବା ସ୍କୁଲ ପ୍ରତି ଧ୍ୟାନ ଦିଆଯାଇ ଅତିକମ୍‌ରେ ୨ ଜଣ ଶିକ୍ଷକ ଦିଆଯାଉ ବୋଲି ଆଲୋଚନା କରାଯାଇଥିଲା । ବନ୍ତ ଡାକ୍ତରଖାନାକୁ ତୁରନ୍ତ ଡାକ୍ତର ପ୍ରେରଣ ପାଇଁ ସି.ଡ଼ି.ଏମ୍ ଓଙ୍କୁ କୁହାଯାଇଥିଲା । କୃଷକ ମାନଙ୍କ ଆୟ ଦୁଇଗଣ କରାଯିବା ଆଭିମୁଖ୍ୟ ପୂରଣ ପାଇଁ ଅଣଧାନ କୃଷି ଯୋଜନାରେ ମୁଗ, ସୂର୍ଯ୍ୟମୁଖୀ ଓ ସମନ୍ୱିତ କୃଷି ସମ୍ବନ୍ଧରେ ନିଆଯାଇଥିବା ପଦକ୍ଷେପ ସମ୍ବନ୍ଧରେ ବୈଠକରେ ତଥ୍ୟ ଉପସ୍ଥାପନ କରାଯାଇଥିଲା । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ମଧ୍ୟ ପ୍ରଚଳିତ ବିଭିନ୍ନ ଯୋଜନା ଜରିଆରେ କିପରି ଚାଷୀମାନଙ୍କର ରୋଜଗାର ବଢ଼ାଇବା ଦିଗରେ ପଦକ୍ଷେପ ନିଆଯାଇଛି ପ୍ରକାଶ କରାଯାଇଥିଲା । ଡ୍ରେନ ଉପରେ ଜବରଦଖଲ ଓ ନିର୍ମାଣ ଜନିତ ଅବରୋଧକୁ ଉଚ୍ଛେଦ କରାଯିବା ସହିତ ସରମରା, କାଦବରାଙ୍ଗ, ବସନ୍ତିଆ ଭଳି ଜାଗାରେ ରାସ୍ତାରେ ବର୍ଷାଦିନେ ଜମୁଥିବା ପାଣି ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ ବିଷୟରେ ଆଲୋଚନା କରାଯାଇଥିଲା । ୨୦୨୩ ସୁଦ୍ଧା ସହରା ଳ ଓ ୨୦୨୪ ସୁଦ୍ଧା ଗ୍ରାମା ଳରେ ପ୍ରତି ଘରେ ପାଇପପାଣି ପହ ାଇବା ନେଇ ସରକାରଙ୍କ ଲକ୍ଷ୍ୟ ପୂରଣ ଦିଗରେ ଏହି ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକାରୀତା ସମ୍ବନ୍ଧରେ ସମୀକ୍ଷା କରାଯାଇଥିଲା । ଚାଷଜମିକୁ ଜଳସେଚନ ବ୍ୟବସ୍ଥା ନେଇ ଉଠା ଜଳସେଚନ, କାଡ଼ାନାଳ ଦ୍ୱାରା ଜଳସେଚନ, ନଦୀଦ୍ୱାରା ଜଳସେଚନ ସମ୍ବନ୍ଧରେ ସମ୍ପୃକ୍ତ ଅଧିକାରୀ ମାନଙ୍କ ଦ୍ୱାରା ଉପସ୍ଥାପିତ ତଥ୍ୟ ଓ ସମସ୍ୟା ଆଧାରରେ ଆଲୋଚନା କରାଯାଇଥିଲା । ମିଶନ୍ ଶକ୍ତି ଯୋଜନାରେ ମହିଳା ଗୋଷ୍ଠୀମାନଙ୍କ ସଶକ୍ତି କରଣ ପାଇଁ ଆର୍ଥିକ ସହାୟତା ଓ ଜୀବନ ଜୀବିକା ନେଇ ବିଭିନ୍ନ କ୍ଷେତ୍ରରେ ସଫଳତା ସମ୍ବନ୍ଧରେ ବିଷଦ ଆଲୋକପାତ କରାଯାଇଥିଲା । ଶିଳ୍ପର ବିକାଶ ପାଇଁ ଅଦ୍ୟାବଧି ନିଆଯାଇଥିବା ଓ ଆଗକୁ ନେବାକୁ ଥିବା ବିଭିନ୍ନ ପ୍ରକଳ୍ପ ବିଷୟରେ ମଧ୍ୟ ସମୀକ୍ଷା କରାଯାଇଥିଲା । ଆଗରପଡ଼ାରେ ହାତୀ ସମସ୍ୟା ଓ ତଦ୍‌ଜନିତ କ୍ଷତିପୂରଣ ପ୍ରଦାନ ନେଇ ସରକାରୀ ବ୍ୟବସ୍ଥା ସମ୍ବନ୍ଧରେ ସୂଚନା ପ୍ରଦାନ କରାଯିବା ସହିତ ରାସ୍ତା ତିଆରି ବେଳେ ବହୁ ସଂଖ୍ୟାରେ ବଡ଼ ବଡ଼ ଗଛ ନଷ୍ଟ ହେଉଥିବାରୁ ଆଗାମୀ ଦିନରେ ସେ ସମସ୍ୟାକୁ ଦୂର କରିବା ପାଇଁ ଏବେ ର ନୂତନ ରାସ୍ତା ର ଯଥା ସମ୍ଭବ ଦୂରରେ ବୃକ୍ଷରୋପଣ କରାଯିବା ପାଇଁ ପରାମର୍ଶ ପ୍ରଦାନ କରାଯାଇଥିଲା ।

## ମହିଳା ସଶକ୍ତିକରଣ ନାଁରେ ବିଜେଡି ନେତା ଓ ମନ୍ତ୍ରୀଙ୍କ ଦ୍ୱାରା ମହିଳା ଶୋଷଣ

ଭୁବନେଶ୍ୱର, (ପି.ଏନ): ମହିଳା ସଶକ୍ତୀକରଣ ନାଁରେ ବିଜେଡି ସରକାରଙ୍କ ମହିଳାଙ୍କୁ ଶୋଷଣ କରୁଛି । ମୁଖ୍ୟମନ୍ତ୍ରୀଙ୍କ ନିଜ ଦଳର ମହିଳାମାନେ ଅସୁରକ୍ଷିତ, ତାଙ୍କ ଅଭିଯୋଗ ଶୁଣିବାକୁ କେହି ନାହାନ୍ତି । ନା ଥାନା, ନା ମୁଖିଆ (ମୁଖ୍ୟମନ୍ତ୍ରୀ) ବରଂ ଧମକ ଚମକ, ପ୍ରଲୋଭନ ଦ୍ୱାରା ମାମଲାକୁ ଚପେଇ ଦିଆଯାଉଛି । ବାଧ୍ୟବାଧକତା ତଦନ୍ତ ହେଲେ କ୍ଷମତାର ଅପବ୍ୟବହାର କରି ତଦନ୍ତକୁ ବାଟବଣା କରି ଦିଆଯାଉଛି । ମୁଖ୍ୟମନ୍ତ୍ରୀ ଧୃତରାଷ୍ଟ୍ର ସାଜି ନିଜ ଦଳର ନେତା ଓ ମନ୍ତ୍ରୀଙ୍କୁ ସୁରକ୍ଷା ଯୋଗାଇ ମହିଳାଙ୍କ ପ୍ରତି ଅନ୍ୟାୟ କରିବାକୁ ପ୍ରୋତ୍ସାହିତ କରୁଛନ୍ତି । ଗତକାଲି ଘଟଣା ଉପରେ ଦୃଷ୍ଟିଦେଲେ ସ୍ୱଷ୍ଟ ଜଣାପଡୁଛି ବିଜେଡି ମହିଳାଙ୍କୁ କିଭଳି ସୁରକ୍ଷା ଦେଉଛି । ବିଜେଡିର ପୂର୍ବତନ ମନ୍ତ୍ରୀ ତଥା ବଲାଙ୍ଗିରର ରାଜପରିବାରର ଅନଙ୍ଗ ଉଦୟ ସିଂହଦେଓ, ତାଙ୍କ ପତ୍ନୀ, ବଡପୁଅ ତଥା ପୂର୍ବତନ ସାଂସଦ କଳିକେଶ ସିଂହଦେଓ, ବଡ ବୋହୂ ଓ ସାନପୁଅ ଅର୍କେଶ ସଂହଦେଓଙ୍କ ନାଁରେ ଯୌତୁକ ନିର୍ଯ୍ୟାତନା ଦେଲେ ସାନବୋହୂ । ଅନ୍ୟ ଜଣେ ହେଲେ ବିଜେଡିର ପୂର୍ବତନ ମନ୍ତ୍ରୀ ତଥା ବର୍ତମାନର କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରାଙ୍କ ନାଁରେ ଯୌତୁକ ଅଭିଯୋଗ କରିଛନ୍ତି ପୁତ୍ରବଧୂ । ଏହି ଦୁଇ ମହିଳାଙ୍କୁ ରାଜ୍ୟ ସରକାର ନ୍ୟାୟ ଦେବାରେ ସମର୍ଥ ହେବେ କି ବୋଲି ପ୍ରଶ୍ନ କରିଛନ୍ତି ମହିଳାମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ।ଆଜି ରାଜ୍ୟ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ କରି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି ଯେ, ୨.୫କୋଟି ମା ଓ ଭଉଣୀଙ୍କ ଆଖିର ଲୁହ ଓ ଆକ୍ରୋଶରେ ଧ୍ୱଂସ ପାଇବ ଏହି ଅନ୍ୟାୟୀ ବ୍ୟଭିଚାର ବିଜେଡି ସରକାର । ରାଜ୍ୟ ସରକାରଙ୍କ ଖାମଖିଆଲ ନୀତି ଓ ଗୃହବିଭାଗର ପରିଚାଳନାର ଅଯୋଗ୍ୟତା ପାଇଁ ଓଡ଼ିଶାରେ ପ୍ରତ୍ୟେକ ଅଢ଼େଇ ଘଂଟାରେ ଜଣେ ମହିଳା ଦୁଷ୍କର୍ମରେ ଶିକାର ହେଉଛନ୍ତି ।

## ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ । ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ ।

## ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଊର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

## ସହରାଂଚଳ ରୂପାନ୍ତରଣ ଉପରେ ନିର୍ବାଚିତ ପୌର ପ୍ରତିନିଧିଙ୍କୁ ନେଇ କର୍ମଶାଳା

ଭୁବନେଶ୍ୱର, (ପି.ଏନ): ସରକାରଙ୍କ ୫ଟି ପଦକ୍ଷେପ ଅନୁଯାୟୀ ଆଜି ସହରାଂଚଳ ରୂପାନ୍ତରଣ ଉପରେ ପୌର ସଂସ୍ଥାଗୁଡ଼ିକର ର୍ନିବାଚିତ ପ୍ରତିନିଧୀଙ୍କୁ ନେଇ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଲୋକସେବାଭବନରେ ଅନୁଷ୍ଠିତ ଏହି କର୍ମଶାଳାରେ ବିଭିନ୍ନ ପୌରସଂସ୍ଥାର ଅଧ୍ୟକ୍ଷ, ଉପାଧ୍ୟକ୍ଷ, କାଉନସିଲରମାନେ ଯୋଗ ଦେଇଥିଲେ । ଏହି କର୍ମଶାଳାର ମୂଳ ଉଦ୍ଦେଶ୍ୟ ହେଉଛି ପୌରାଂଚଳରେ ଜାରି ରହିଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ନିର୍ବାଚିତ ପ୍ରତିନିଧିମାନଙ୍କୁ ସଚେତନ କରିବା ଏବଂ ଏହା କିଭଳି ରାଜ୍ୟର ପୌରାଂଚଳରେ ଥିବା ଗରିବ ଲୋକଙ୍କ ଉପକାରରେ ଆସିବ ତାହାକୁ ବ୍ୟବସ୍ଥିତ ଢଙ୍ଗରେ କାର୍ଯ୍ୟକାରୀ କରିବା ।ରାଜ୍ୟ ପୌର ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ କହିଥିଲେ ଯେ ର୍ନିବାଚିତ ପ୍ରତିନିଧୀଙ୍କ ସକ୍ରିୟ ଯୋଗଦାନ ଦ୍ୱାରା ସହରାଂଚଳ ରୂପାନ୍ତରଣରେ ବଡ ପରିବର୍ତନ ଅଣାଯାଇ ପାରିବ । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବଜେଟରେ ବ୍ୟାପକ ବୃଦ୍ଧିକୁ ଦୃଷ୍ଟିରେ ରଖି ସମସ୍ତ ର୍ନିବାଚିତ ପ୍ରତିନିଧୀମାନେ ନିଜ ନିଜର ସହରକୁ ସୁନ୍ଦର କରିବା ପାଇଁ ଅଧିକ ଲୋକକୈନ୍ଦ୍ରିକ ସୁବିଧା ସୃଷ୍ଟି କରିବାରେ ନେତୃତ୍ୱ ନେବା ଉଚିତ୍ । ସେ ଆହୁରି ମଧ୍ୟ କହିଛନ୍ତି ଯେ ମହିଳା ସଶକ୍ତିକରଣ ଏବଂ ସ୍ଥାନୀୟ ଗୋଷ୍ଠିର ଅଂଶଗ୍ରହଣ ହେଉଛି ପ୍ରମୁଖ ଉଦ୍ଦେଶ୍ୟ ଯାହା ରାଜ୍ୟରେ ୧୧୫ ଟି ପୌରସଂସ୍ଥାରେ ଉନ୍ନତ ଶାସନର ନୂତନ ଅଧ୍ୟାୟ ସୃଷ୍ଟି କରିଛି । ସେ ଆହୁରି ମଧ୍ୟ ଜୋର ଦେଇ କହିଛନ୍ତି ଯେ ଲୋକମାନଙ୍କ ପାଇଁ କ'ଣ କରାଯାଇପାରିବ ସେ ସଂକ୍ରାନ୍ତରେ ପରାମର୍ଶ ଦେବାପାଇଁ ସମସ୍ତ ର୍ନିବାଚିତ ପ୍ରତିନିଧୀଙ୍କ ନିୟମିତ ଭାବରେ ସେମାନଙ୍କ ଅଞ୍ଚଳକୁ ନିୟମିତ ଗସ୍ତ କରିବା ଆବଶ୍ୟକ । ପୌରସଂସ୍ଥାଗୁଡିକରେ ଟିକସ ସଂଗ୍ରହକୁ ବିଶେଷ ପ୍ରାଧାନ୍ୟ ଦିଆଯିବା ଉଚିତ ବୋଲି ମଧ୍ୟ ସେ ପରାମର୍ଶ ଦେଇଛନ୍ତି । ସେ କହିଥିଲେ ଯେ ଆପଣ ସମସ୍ତେ ଜଣେ ଜଣେ ମୁଖିଆ ଏବଂ ପୌରସଂସ୍ଥାର ଅଭିବୃଦ୍ଧି ପାଇଁ ସୁଯୋଗ ସୃଷ୍ଟି କରିପାରିବେ ।ପ୍ରାରମ୍ଭରେ ସୁଡାର ପ୍ରକଳ୍ପ ନିର୍ଦ୍ଦେଶକ ସାରଦା ପ୍ରସାଦ ପଣ୍ଡା ନିର୍ବାଚିତ ପ୍ରତିନିଧିମାନଙ୍କୁ ସ୍ୱାଗତ କରିବା ସହିତ ସହରର ମୁଖ୍ୟ ଭାବରେ ପୌରାଞ୍ଚଳରେ ଗରିବ ଲୋକଙ୍କ ପାଇଁ କାର ?ୟକାରୀ ହେଉଥିବା ପ୍ରକଳ୍ପ ଗୁଡିକରେ ସାମିଲ ହେବା ସହିତ ଏହାର ସଠିକ ପରିଚାଳନା ପାଇଁ ଅନୁରୋଧ କରିଥିଲେ । ସେ କହିଛନ୍ତି ଯେ ୧୧୫ ପୌରସଂସ୍ଥାରେ ଥିବା ସହରୀ ଗରିବଙ୍କ ପାଇଁ ଆବଶ୍ୟକ ଭିତିଭୂମି ସୃଷ୍ଟି କରିବା ଲାଗି ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବଜେଟକୁ ୮୦୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ଶ୍ରୀ ପଣ୍ଡା ମୁକ୍ତା ଏବଂ ଆଧାର କାର୍ଯ୍ୟକ୍ରମ ଉପରେ ଏକ ସ୍ୱଷ୍ଟ ଚିତ୍ର ଦେବା ସହିତ ସହିତ ଏହାର ଭବିଷ୍ୟତ କାର୍ଯ୍ୟପନ୍ଥା ଏବଂ ର୍ନିବାଚିତ ପ୍ରତିନିଧିମାନେ ଏହି ସାମିଲ ହେବା ସଂକ୍ରାନ୍ତରେ କହିଥିଲେ ।ଶ୍ରୀ ପଣ୍ଡା ଓଡିଶା ସରକାରଙ୍କ ଫ୍ଲାଗସିପ୍ କାର୍ଯ୍ୟକ୍ରମ ମୁକ୍ତା ବିଷୟରେ ସବିଶେଷ ତଥ୍ୟ ଦେଇ କହିଛନ୍ତି ଯେ ଆବଶ୍ୟକ ଭିତି ପ୍ରକଳ୍ପର ଚିହ୍ନଟ, ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନରେ ମିଶନ୍ ଶକ୍ତି ଗୋଷ୍ଠୀର ଅଂଶଗ୍ରହଣ, ୨୦୨୩-୨୪ ବର୍ଷ ପାଇଁ ଏକ ବାସ୍ତବ କାର୍ଯ୍ୟ ଯୋଜନା ଉପସ୍ଥାପନ ଉପରେ ଧ୍ୟାନ ଦେଇଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ସହରାଂଚଳର ଲୋକଙ୍କ ଜୀବନ ଏବଂ ଜୀବିକା ସ୍ତରରେ ବୃଦ୍ଧି ପାଇଁ ସମ୍ବଳ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଥିବା ବିଭିନ୍ନ ପଦକ୍ଷେପ ଗ୍ରହଣ ପାଇଁ ବ୍ୟାପକ ସୁଯୋଗ ରହିଛି । ଶ୍ରମିକ ଏବଂ ମିଶନ ଶକ୍ତି ଗୋଷ୍ଠୀକୁ ଠିକଣା ସମୟରେ ଦେୟ ପ୍ରଦାନ ଉପରେ ବିଶେଷ ଧ୍ୟାନ ଦେବାପାଇଁ ସେ ସମସ୍ତ ର୍ନିବାଚିତ ପ୍ରତିନିଧୀଙ୍କୁ ଅନୁରୋଧ କରିଛନ୍ତି ।


MAHARISHI PUBLIC SCHOOL

2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Friday May 19, 2023 | ଭୁବନେଶ୍ବର ଶୁକ୍ରବାର, ମଇ ୧୯,୨୦୨୩ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com 

# ଏସ୍‌ସିଏସ୍‌ଟିଆରଟିଆଇ ପରିସରରେ ଆନ୍ତର୍ଜାତିକ ସଂଗ୍ରହାଳୟ ଦିବସ ପାଳିତ



ଭୁବନେଶ୍ୱର,(ପି.ଏନ) : ଆଜି ଭୁବନେଶ୍ୱରସ୍ଥିତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଆନ୍ତର୍ଜାତିକ ସଂଗ୍ରହାଳୟ ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବ ପାଳନ ଅବସରରେ ସଂଗ୍ରହାଳୟ ପରିଦର୍ଶନ କରିଥିବା ସମସ୍ତ ପରିଦର୍ଶକଙ୍କୁ ଫୁଲ ସହିତ ସ୍ୱାଗତ କରାଯିବା ସହ ଆଜି ଦିନର ମହତ୍ୱ ସଂପର୍କରେ ସେମାନଙ୍କୁ ଅବଗତ କରାଯାଇଥିଲା । ସନ୍ଧ୍ୟାରେ ସଂଗ୍ରହାଳୟ, ନିରନ୍ତରତା ଏବଂ କଲ୍ୟାଣ ଉପରେ ଆଧାରିତ ଚଳିତ ବର୍ଷର ବିଷୟବସ୍ତୁ ନେଇ ଏକ ପ୍ୟାନେଲ୍ ଆଲୋଚନାର ଆୟୋଜନ କରାଯାଇଥିଲା । ଏସ୍‌ସିଏସ୍‌ଟିଆର ଟିଆଇର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାରେ ଅଂଶଗ୍ରହଣ କରି ଏସ୍‌ସିଏସ୍‌ଟିଆରଟିଆଇର ପୂର୍ବତନ ଉପଦେଷ୍ଟା ତଥା ନିର୍ଦ୍ଦେଶକ ଓ ସ୍ୱତନ୍ତ୍ର ସଚିବ ପ୍ରଫେସର (ଡ.) ଅଖିଳ ବିହାରୀ ଓତା, ଓଡିଶା ରାଜ୍ୟ ଆଦିବାସୀ ସଂଗ୍ରହାଳୟର ବିବର୍ତ୍ତନ ଏବଂ ଏହାର ପ୍ରବର୍ତ୍ତିତ ବିଭିନ୍ନ ଡିଜିଟାଲ୍ ଟେକ୍ନୋଲୋଜି ଉପରେ ଆଲୋକପାତ କରିଥିଲେ । ୫୦୦୦ ରୁ ଅଧିକ କିସମର କଳା ଏବଂ କଳାକୃତି ରହିଥିବା ରାଜ୍ୟ ସଂଗ୍ରହାଳୟର ସ୍ୱତନ୍ତ୍ରତା ଉପରେ ସେ ଆଲୋକପାତ କରିଥିଲେ । ବାଲେଶ୍ୱର ଏଫଏମ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ. ଏନ.ସି ଦାଶ ଦେଶର ବିଭିନ୍ନ ସଂଗ୍ରହାଳୟ ଏବଂ ସମାଜର କଲ୍ୟାଣ ପାଇଁ ସଂଗ୍ରହାଳୟର ଭୂମିକା ବିଷୟରେ ବର୍ଣ୍ଣନା କରିଥିଲେ । ଏହି ଆଲୋଚନାରେ ଏସ୍‌ସିଏସ୍‌ଟିଆର ଟିଆଇ ଏବଂ ଓଡିଶା ରାଜ୍ୟ ଆଦିବାସୀ ସଂଗ୍ରହାଳୟର ସମସ୍ତ କର୍ମଚାରୀ ଏବଂ ସମ୍ପୃକ୍ତ ଅଧିକାରୀ ଯୋଗ ଦେଇଥିଲେ ।

## ସତ୍ୟନାରାୟଣ ଟ୍ରଷ୍ଟ ପକ୍ଷରୁ ପାରାଦୀପରେ ସାତ ଦିନ ବ୍ୟାପି ପାଲା ପରିବେଷଣ

ପାରାଦୀପ,(ପି.ଏନ): ପ୍ରୋତ୍ସାହନ ଅଭାବରୁ ଓଡ଼ିଆ ପୁରାତନ ସଂସ୍କୃତି ଓ ଓଡିଶା ଲୋକ କଳା ଧୀରେ ଧୀରେ ଲୋପ ପାଇବାକୁ ବସିଛି । ଏପରି ସ୍ଥଳେ ପାରାଦୀପ ପୌରାଞ୍ଚଳର ୧୫ ନମ୍ବର ୱାର୍ଡ ର ବାସିନ୍ଦା ତଥା ସତ୍ୟନାରାୟଣ ଟ୍ରଷ୍ଟ ପକ୍ଷରୁ ଚଳିତ ମଇ ୧୫ ରୁ ୨୧ ତାରିଖ ପର୍ଯ୍ୟନ୍ତ ଦୀର୍ଘ ସାତ ଦିନଧରି ବଡପଡ଼ିଆ ନିକଟସ୍ଥ ଜୟଦେବ ସଦନ ସମ୍ମୁଖ ପଡିଆରେ ଅନୁଷ୍ଠିତ ହେଉଅଛି କ୍ଷ ଅନୁଷ୍ଠାନର ଆବାହକ ଶରତ ଚ୍ନ୍ଦ୍ର ସାହୁ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଥିବା ଏହି ପାଲା ପରିବେଷଣ କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରଖ୍ୟାତ ପାଲା ଗାୟକ ଓ ଗାୟିକା ଶ୍ରୀମତୀ ଉର୍ମିଳା ସାହୁ, ରବୀନ୍ଦ୍ର କୁମାର ଜେନା, ପ୍ରଦ୍ୟୁମ୍ନ ପଣ୍ଡା, ଦିଲ୍ଲୀପ ସାହୁ ଓ ଅଭିରାମ ଶତପଥୀ ତାଙ୍କର କାର୍ଯ୍ୟକ୍ରମ ପରିବେଷଣ କରିବେ ।

## ବିଜ୍ଞାନ ପାଇଁ ଇଚ୍ଛା, ଇଞ୍ଜିନିୟର ହେବି: ମକରା ମୁର୍ମୁ

### ମ୍ୟାଟ୍ରିକ୍‌ରେ କିସ୍‌ର ଶତ ପ୍ରତିଶତ ସଫଳତା

ଭୁବନେଶ୍ୱର,(ପି.ଏନ): ମ୍ୟାଟ୍ରିକ୍‌ରେ ୯୨.୧୭ ପ୍ରତିଶତ ନମ୍ବର ରଖି ସ୍କୁଲ୍ ଟପ୍‌ପର ହୋଇଛନ୍ତି କିସ୍‌ର ମକରା ମୁର୍ମୁ। ଅତି ଗରିବ ପରିବାରରୁ ଆସିଥିବା ମକରା ମୁର୍ମୁ କହିଛନ୍ତି ତାଙ୍କ ସଫଳତାର କାହାଣୀ।



ସଫଳତା ପାଇଁ କାହାକୁ ଶ୍ରେୟ ଦେବେ ?

ସଫଳତା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ମୁଁ ସମସ୍ତ ଶ୍ରେୟ ଦେବି। ମୋର ସଫଳତା ପାଇଁ ମୁଁ ସାମନ୍ତଙ୍କ ସାର୍‌ଙ୍କୁ କୃତଜ୍ଞତା ଜଣାଉଛି। ଏହା ସହିତ କିସ୍‌ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯେଉଁମାନେ ମୋତେ ସବୁବେଳେ ଉତ୍ସାହିତ କରିଆସୁଥିଲେ ସେମାନଙ୍କୁ ମୁଁ ଧନ୍ୟବାଦ ଦେବି।

ଦିନକୁ କେତେ ସମୟ ପାଠ ପଢ଼ା ପାଇଁ ଦେଉଥିଲେ ?

ସ୍କୁଲ୍ ସମୟ ବାଦ ମୁଁ ଦିନକୁ ପ୍ରାୟ ୬ରୁ ୮ଘଣ୍ଟା ପଢୁଥିଲି। କୌଣସି ଟ୍ୟୁସନ ନେଉ ନ ଥିଲି। କାରଣ କିସ୍‌ର ସାର୍‌ମାନେ ମୋତେ ସବୁବେଳେ ଗାଇଡ଼ କରୁଥିଲେ। କିସ୍‌ରେ ଲାଇବ୍ରେରୀ ଓ ଅନ୍ୟାନ୍ୟ ବହୁତ ସୁବିଧା ରହିଛି, ତାର ଉପଯୋଗ କରିବାର ସୁଯୋଗ ପାଉଥିଲି।

ମ୍ୟାଟ୍ରିକ୍ ପରେ କଣ କରିବେ ?

ମ୍ୟାଟ୍ରିକ୍ ପରେ ବିଜ୍ଞାନ ପଢ଼ିବା ପାଇଁ ଇଚ୍ଛା ରହିଛି। କାରଣ ଭବିଷ୍ୟତରେ ମୁଁ ଜଣେ ଇଞ୍ଜିନିୟର ହେବାର ଲକ୍ଷ୍ୟ ରଖିଛି। କିସ୍ ମୋତେ ସବୁ କିଛି ଦେଇଛି। ମୋ ବାପା ଜଣେ ଦିନ ମଜୁରିଆ ହୋଇଥିବାରୁ ମୁଁ ପ୍ରଥମ ଶ୍ରେଣୀରୁ କିସ୍‌ରେ ପଢୁଛି। ଭବିଷ୍ୟତରେ ଯେତେ ପଢ଼ିବି ସବୁ କଥା ସାମନ୍ତ ସାର୍ ବୁଝିବେ। ମୁଁ କେବଳ ପଢ଼ିବା କଥା ଚିନ୍ତା କରୁଛି।

ନିଜ ପରିବାର ଓ କିସ୍ ଉପରେ କଣ କହିବେ ?

ମୋ ବାପା ଏବେ ବି ମାଳି କାମ କରି ପେଟ ପୋଷୁଛନ୍ତି। ମୁଁ ରୋଜଗାର କଲେ ବାପା ମାଆଙ୍କୁ ଖୁସିରେ ରଖିବି। ଆଉ କିସ୍ ମୋତେ ସବୁ କିଛି ଦେଇଛି, ତା ପ୍ରତିବଦଳରେ କିସ୍ ପାଇଁ ମୁଁ କିଛି କରିବା ପାଇଁ ଚେଷ୍ଟା କରିବି।

## ମାଲକାନଗିରି ଜିଲ୍ଲାରେ ୧୦ମ ପାଶ ହାର ୯୨ ପ୍ରତିଶତ

ମାଲକାନଗିରି ଓତ,(ପି.ଏନ):ଆଜି ୧୦ମ ବୋର୍ଡ ପରୀକ୍ଷା ଫଳ ଘୋଷଣା କରାଯାଇଥିବା ବେଳେ ମାଲକାନଗିରି ଜିଲ୍ଲାରେ ପାଶ ହାର ୯୨.୬୮ ପ୍ରତିଶତ ରହିଛି ଓଚ୍ଳିତ ୨୦୨୨/ ୨୩ ଶିକ୍ଷା ବର୍ଷରେ ୧ମ ବୋର୍ଡ ପରୀକ୍ଷା ଲାଗି ୭,୧୭୧ ଛାତ୍ରଛାତ୍ରୀ ଫର୍ମ ଫିଲାପ କରିଥିଲା ବେଳେ ୬,୮୫୭ ଜଣ ପିଲା ପରୀକ୍ଷାରେ ଅଂଶ ଗ୍ରହଣ କରିଥିଲେ ଓତନ୍ମଧ୍ୟରୁ ୬,୬୪୬ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ଓବାକି ୨୧୧ ଜଣ ଅକୃତକାର୍ଯ୍ୟ ହୋଇଥିଲେ ଓ ତେବେ ୧୦ମ ପରୀକ୍ଷାରେ ଏ-୧ ରେ ୭ ଜଣ,ଏ-୨ରେ ୪୭ ଜଣ,ବି-୧ରେ ୧୪୪ ଜଣ,ବି-୨ରେ ୪୪୯ ଜଣ,ସି ରେ ୧୪୩୩ ଜଣ,ଡି ରେ ୨୪୨୧ ଜଣ,ଇ ରେ ୨୧୪୫ ଜଣ ଏବଂ ଏଫ ରେ ୨୦୩ ଜଣ ଉତ୍ତୀର୍ଣ୍ଣ ହୋଇଥିବା ଜଣା ପଡିଛି ଓ ତେବେ ଏ-୧ରେ ମାତ୍ର ୭ ଜଣ ପିଲା ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଏହି ଫଳାଫଳ ପୂର୍ବାପେକ୍ଷା ନୈରାଶ୍ୟଜମକ ବୋଲି କୁହାଯାଇଛି।

## ବିଷ୍ଣୁପୁର ଗ୍ରାମପଣ୍ଚାୟତର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି, ତଦନ୍ତ ପାଇଁ ଜିଲାପାଳଙ୍କ ଠାରେ ଦାବି

ଭଦ୍ରକ, (ପି.ଏନ): ଭଣ୍ଡାରିପୋଖରୀ ବ୍ଲକ୍‌ର ବହୁ ପ ।ୟତରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବାର ବିଜେପି ଅଭିଯୋଗ କରିଛି। ଏହି ବ୍ଲକ୍ ଅନ୍ତର୍ଗତ ବିଷ୍ଣୁପୁର ଗ୍ରାମପ ।ୟତର ଅମୃତ ସରୋବର ଯୋଜନାରେ ପଦ୍ମପୁର ପୋଖରୀର ଉନ୍ନତିକରଣ ପାଇଁ ଏନଆରଇଜିଏସ୍‌ରେ ଆସିଥିବା ଅର୍ଥ ହଡପ କରାଯାଇଛି। ପୋଖରୀ ଖନନ କାର୍ଯ୍ୟକୁ ଶ୍ରମିକମାନଙ୍କ ଦ୍ୱାରା କରାନଯାଇ ମେସିନ୍ ସାହାଯ୍ୟରେ ଖନନ କାର୍ଯ୍ୟ ଚାଲିଛି। କିନ୍ତୁ କାଗଜପତ୍ରରେ ଦିନ ମଜୁରିଆଙ୍କ ନିଯୁକ୍ତି ଦର୍ଶାଇ ମିଥ୍ୟା ବିଲ୍ କରି ଅର୍ଥ ଆତ୍ମସାତ୍ କରାଯାଉଛି। ଏହାବ୍ୟତୀତ ମେସିନ୍ ଦ୍ୱାରା ଖୋଦିତ ମାଟିକୁ ସରପ ଗ୍ରାମକମିଟିର ବିନା ଅନୁମୋଦନରେ ବିକ୍ରି କରି ସମସ୍ତ ଅର୍ଥକୁ ହଡପ କରିଥିବାର ଅଭିଯୋଗ ମଧ୍ୟ କରିଛନ୍ତି। ଏହି ଅର୍ଥ ହଡପ ଘଟଣାରେ ବ୍ଲକ୍‌ର କିଛି ଅଧିକାରୀ ଭାଗୀଦାର ଥିବାରୁ ଅନିୟମିତତାକୁ ଘ ଘୋଡାଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏହି ଅନିୟମିତତା ସଂପର୍କରେ ଜିଲାପାଳ, ବିଡିଓ ଓ ତହସିଲଦାରଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିନାହିଁ। ସେହିପରି ମୋ ପୋଖରୀ ଯୋଜନାରେ ବିଭିନ୍ନ ଛୋଟବଡ ପୋଖରୀ ଖନନ ପାଇଁ ଆସୁଥିବା ଅର୍ଥରେ ଗାଁର ଜବକାର୍ଡଧାରୀମାନେ ନିଯୁକ୍ତି ପାଉନାହାଁନ୍ତି। ମେସିନ୍ ସାହାଯ୍ୟରେ କାମ କରି ଦିନ ମଜୁରିଆଙ୍କୁ ଭୋକିଲା ରଖିବା ସହ ଏ ବାବଦରେ ମିଥ୍ୟା ବିଲ୍ କରାଯାଇ ଲକ୍ଷ ଲକ୍ଷ ଟଙ୍କା ହଡପ କରାଯାଉଛି ବୋଲି ସଂପୃକ୍ତ ଗ୍ରାମପ ।ୟତର ତପନ କୁମାର ପାତ୍ର, ବିଦ୍ୟାଧର ସେଠୀ, ଖଗେଶ୍ୱର ଜେନା, ସୁବାଷ ଚନ୍ଦ୍ର ଭୋଇ, ଶଶିକାନ୍ତ ଦାସ ପ୍ରମୁଖ ଅଭିଯୋଗ କରିଛନ୍ତି। ଗତକାଲି ପୂର୍ବତନ ବିଜେପି ଜିଲା ସଭାପତି ବ୍ରଦୀ ନାରାୟଣ ଧଳଙ୍କ ନେତୃତ୍ୱରେ ଉପରୋକ୍ତ ବ୍ୟକ୍ତିମାନେ ଆସି ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ଦିଆଯାଇଛି। ଏବଂ ଅର୍ଥ ହଡପ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଏଥିରେ ବ୍ୟତିକ୍ରମ ହେଲେ ଆସନ୍ତା ଦିନରେ ଭାରତୀୟ ଜନତା ପାର୍ଟି ରାଜରାସ୍ତାକୁ ଓହ୍ଲାଇବ ବୋଲି ପୂର୍ବତନ ବିଜେପି ସଭାପତି ଶ୍ରୀ ଧଳ ଚେତାବନୀ ଦେଇଛନ୍ତି।

## ରାଜସ୍ଥାନ ଖଣି ଶ୍ରମିକ ଉନ୍ନୟନ ପରିଷଦ ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅଶୋକ ଗେହେଲଟଙ୍କ ପ୍ରତିଶ୍ରୁତି



ଭୁବନେଶ୍ୱର, (ପି.ଏନ) : ରାସ୍ତସ୍ଥାନର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଅଶୋକ ଗେହେଲଟ୍ ରାଜସ୍ଥାନରେ ଖଣି ଖନନ କାର୍ଯ୍ୟରେ ନିଯୁକ୍ତ ୨୫ ଲକ୍ଷ ଶ୍ରମିକମାନଙ୍କ ପାଇଁ ଖଣି ଶ୍ରମିକ କଲ୍ୟାଣ ବୋର୍ଡ଼ ତୁରନ୍ତ ଲାଗୁ କରିବା ପାଇଁ ସିଲ୍‌କୋସିସ୍ ରୋଗରେ ପିଡ଼ିତ ଓ ମୃତ୍ୟୁ ଶ୍ରମିକଙ୍କ ପାଇଁ ଅଧିକ କ୍ଷତିପୂରଣ ଓ ପେନସନ୍ ଦେବା ପାଇଁ କଂଗ୍ରେସର ବରିଷ୍ଠ ନେତା ତଥା ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଉପସଭାପତି ଡଃ ରାମଚନ୍ଦ୍ର ଖୁଣ୍ଟିଆଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ରାଜସ୍ଥାନର କଂଗ୍ରେସ ଦଳର ହାତ୍ ସେ ହାତ୍ ଯୋଡ଼ କାର୍ଯ୍ୟକ୍ରମର ସଂଯୋଜକ ଡଃ ରାମଚନ୍ଦ୍ର ଖୁଣ୍ଟିଆ ରାଜସ୍ଥାନରେ ହାତ ସେ ହାତ ଯୋଡ଼ କାର୍ଯ୍ୟକ୍ରମର ସଫଳତା ସଂପର୍କରେ ମୁଖ୍ୟମନ୍ତ୍ରୀ ଓ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀ ଗୋବିନ୍ଦ ଚନ୍ଦ୍ରଙ୍କ ଉପସ୍ଥିତିରେ ଆଲୋଚନା କଲାବେଳେ ଖଣି ଶ୍ରମିକଙ୍କର ଏହି ସମସ୍ୟା ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ରାଜସ୍ଥାନରେ ମାର୍ବଲ, ଟାଇଲସ୍, ଷ୍ଟୋନ, ଗ୍ରାନାଇଟ୍, ମାଇକ, ଷ୍ଟୋନ କ୍ୟାରି ଓ ସେଣ୍ଡ କ୍ୟାରିରେ କାମ କରୁଥିବା ୨୫ ଲକ୍ଷ ଶ୍ରମିକ କର୍ମଚାରୀ ମଧ୍ୟରୁ ଅଧିକାଂଶ ପଛୁଆ ବର୍ଗ, ଅନୁସୂଚିତ ଜାତି, ଜନଜାତି ଓ ଆଦିବାସୀ ସଂପ୍ରଦାୟର ଲୋକ କାର୍ଯ୍ୟସ୍ଥଳରେ ନିରାପତ୍ତା ବ୍ୟବସ୍ଥା ଓ ବ୍ୟକ୍ତିଗତ ନିରାପତ୍ତା ପାଇଁ ଉପଯୁକ୍ତ ଜୋତା ଓ ପୋଷାକ ନଥିବାରୁ ପ୍ରାୟ ୨୬ ହଜାର ଶ୍ରମିକ ସିଲ୍‌କୋସିସ୍ ରୋଗରେ ପିଡ଼ିତ ଓ ୮ ହଜାର ଶ୍ରମିକ ମୃତ୍ୟୁ। ସୁଖର କଥା ଭାରତ ସରକାର ଓ କୌଣସି ରାଜ୍ୟ ସରକାର ଏ ସଂପର୍କରେ କୌଣସି ପଦକ୍ଷେପ ନେଉନଥିଲାବେଳେ ରାଜସ୍ଥାନ ସରରକାର ମୃତ୍ୟୁ ଓ ପିଡ଼ିତ ଶ୍ରମିକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଓ ମାସିକ ୧୫ ଶହ ଟଙ୍କା ପେନସନ୍ ବ୍ୟବସ୍ଥା କରିଛନ୍ତି। କିନ୍ତୁ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ପରି ଏକ ଶ୍ରମିକ କଲ୍ୟାଣ ବୋର୍ଡ଼ ନିର୍ମାଣ କଲେ ରାଜସ୍ଥାନର ଖଣି ଶ୍ରମିକମାନେ ଉପକୃତ ହେବେ ବୋଲି ଡଃ ରାମଚନ୍ଦ୍ର ଖୁଣ୍ଟିଆ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପୂର୍ବରୁ ମାଇନ୍‌ଙ୍ଗ, ୱ୍ୱକରର୍ସ ୱେଲଫେୟାର କମିଟି ତରଫରୁ ଆୟୋଜିତ ଏକ ୱାକସପ୍‌ରେ ଉଦ୍‌ବୋଧନ ଦେଇ କହିଛନ୍ତି। ଏହି ୱାର୍କସପ୍‌କୁ ରାଜ୍ୟ ଶ୍ରମମନ୍ତ୍ରୀ ଶ୍ରୀଯୁକ୍ତ ବିସ୍‌ବୟୀ ଉଦ୍‌ଘାଟନ କରିଥିଲାବେଳେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ରାଜସ୍ଥାନର ସଭାପତି ଶ୍ରୀ ଜଗଦିଶ ପ୍ରସାଦ ସିନ୍‌ମୟୀ ପୌରାହିତ କରିଥିଲେ। ହ୍ୟୁମାନ ରାଇଟ୍ କମିଶନର ପୂର୍ବତନ ସଦସ୍ୟ ଶ୍ରୀଯୁକ୍ତ ଦେବରାଜନଙ୍କ ସମେତ ଖଣି ମାଲିକ, ଇଞ୍ଜିନିୟର, ଖଣି ଶ୍ରମିକ, ବିଏମଏସ୍, ଏଆଇଟିୟୁସି, ସିଆଇଟିୟୁ, ଏଚ.ଏମ୍.ଏସ୍. ଓ ଆଇ.ଏନ୍.ଟି.ୟୁ .ସିର ଶତାଧିକ ପ୍ରତିନିଧି ଯୋଗ ଦେଇଥିଲେ। ଏହି ବୋର୍ଡ଼କୁ କାର୍ଯ୍ୟକାରୀ କରିବାରେ ଓ ସିଲ୍‌କୋସିସ୍ ରୋଗରେ ପିଡ଼ିତ ଶ୍ରମିକଙ୍କ ପରିବାରକୁ ସାହାଯ୍ୟ କରିବାରେ ରାଜସ୍ତାନ ସରକାର ପ୍ରଥମ ରାଜ୍ୟ ସରକାର ହୋଇଥିବାରୁ ଡଃ ରାମଚନ୍ଦ୍ର ଖୁଣ୍ଟିଆ ମୁଖ୍ୟମନ୍ତ୍ରୀ ଗେହେଲଟଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray